# ବିଇଏମ୍‌ସି ପକ୍ଷରୁ ହୋଟେଲ, ଦୋକାନରେ ଚଢ଼ଉ

## ୨ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ, ଗ୍ୟାସ୍ ସିଲିଣ୍ଡର ଜବତ | ମାନା ଟ୍ରଷ୍ଟକୁ ନୋଟିସ୍, ପୁଷ୍ପା ହୋଟେଲରୁ ଖାଦ୍ୟ ନମୁନା ସଂଗ୍ରହ

ବ୍ରହ୍ମପୁର,୨୪।୬(ସମିସ): ରାଜ୍ୟରେ ଡାଇରିଆ ସ୍ଥିତି ସଂଗୀନ ହେବା ପରେ ବିଭିନ୍ନ ସ୍ଥାନରେ ପ୍ରଶାସନ ବେଶ ସଜାଗ ହୋଇଛି। ହୋଟେଲ ଓ ଦୋକାନ ମାନଙ୍କରେ ଚଢ଼ଉ କରାଯାଇ ସେମାନଙ୍କୁ ସଚେତନ କରାଯାଉଛି। ଆବଶ୍ୟକ ସ୍ଥଳେ ନିୟମ ଉଲ୍ଲଂଘନ କରିଥିଲେ ଜରିମାନା ଆଦାୟ ସହିତ ଖାଦ୍ୟ ନମୁନା ମଧ୍ୟ ସଂଗ୍ରହ ହେଉଛି। ଏହିକ୍ରମରେ ବ୍ରହ୍ମପୁର ମହାନଗର ନିଗମ(ବିଇଏମସି) ପକ୍ଷରୁ ଚଢ଼ଉକୁ ଜୋରଦାର କରାଯାଇଛି। ମହାନଗର ନିଗମ ଅଞ୍ଚଳର ବିଭିନ୍ନ ଇଲାକାରେ ଥିବା ହୋଟେଲ ଓ ଦୋକାନଗୁଡ଼ିକରେ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଛି। ସୂଚନା ପ୍ରକାରେ ବିଇଏମ୍‌ସି କମିସନର ପ୍ରଥମେଶ ଅରବିନ୍ଦ ରାଜେଶିର୍କଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଇଏମ୍‌ସି ଡେପୁଟି କମିସନର କଲ୍ୟାଣୀ ସଂଘମିତ୍ରାଙ୍କ ନେତୃତ୍ୱରେ ପରିମଳ, ଖାଦ୍ୟ ସୁରକ୍ଷା, ଶ୍ରମ, ଆଇନଗତ ମାପ ବିଜ୍ଞାନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସିଭିଲ୍ ସପ୍ଲାଏର କର୍ମକର୍ତ୍ତାଙ୍କୁ ନେଇ ଗଠିତ ବିଇଏମ୍‌ସିର ଏକ ବହୁମୁଖୀ ସ୍କ୍ୱାଡ୍ ଚଢ଼ଉ କରିଥିଲେ। ସ୍ଥାନୀୟ ରେଳ ଷ୍ଟେସନ ରୋଡ୍, ଗେଟ୍ ବଜାର, ଗିରିଜା ଜଙ୍କସନ୍ ଏବଂ ସତ୍ୟ ନାରାୟଣ ମନ୍ଦିର ରୋଡରେ ଥିବା ବିଭିନ୍ନ ହୋଟେଲ ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ଉ କରାଯାଇ ନିୟମ ଖିଲାପ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହୋଟେଲ ମାଲିକ, ରାସ୍ତା କଡ଼ର ବିକ୍ରେତା,



ଦୋକାନୀଙ୍କୁ ଡାଇରିଆରୁ ରୋକିବା ପାଇଁ ସେମାନଙ୍କ ପ୍ରତିଷ୍ଠାନ ଭିତରେ ଏବଂ ଚାରିପାଖରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସଚେତନ କରାଯାଇଥିଲା। ବାସି ଏବଂ ଭେଜାଲ ଖାଦ୍ୟ ବିକ୍ରି ବିରୋଧରେ ଚେତାବନୀ ଦିଆଯାଇଥିଲା। ଏକକ ବ୍ୟବହାର ପ୍ଲାଷ୍ଟିକ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ଶ୍ରମିକ ବିବରଣୀ ପାଇଁ ବାଧ୍ୟତାମୂଳକ ଭାବରେ ରେଜିଷ୍ଟର ରଖିବା ଓ ଓଡ଼ିଆ ଚିହ୍ନ ବ୍ୟବହାର କରିବା ପାଇଁ ଅନୁରୋଧ କରାଯାଇଥିଲା। ଚଢ଼ଉବେଳେ ପରିମଳ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ସମୁଦାୟ ୧୨ଟି ବ୍ୟବସାୟିକ ପ୍ରତିଷ୍ଠାନରୁ ୧ ଲକ୍ଷ ୪୦ହଜାର ୭୦୦ଟଙ୍କା ଆଦାୟ କରାଯାଇଥିଲା। ଅନୁରୂପ ଭାବେ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ହୋଟେଲ ଏବଂ ଲସି ଷ୍ଟଲରୁ ୭୮ହଜାର ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିଭଳି ମାପ ବିଜ୍ଞାନ ଆଇନ ୨୦୦୯ ଉଲ୍ଲଂଘନ ଅଭିଯୋଗରେ ୯ଟି ବ୍ୟବସାୟିକ ପ୍ରତିଷ୍ଠାନରୁ ୨୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚାରୋଟି ହୋଟେଲ ଶ୍ରୀଦୁର୍ଗା, କେଏମ୍- ୩, ପୁଷ୍ପା, ଓ ରଞ୍ଜନ ହୋଟେଲରୁ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଚଢ଼ଉ ବେଳେ ବିଭିନ୍ନ ଦୋକାନ ବ୍ୟବସାୟ ପ୍ରତିଷ୍ଠାନରୁ ବିପୁଳ ପରିମାଣରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ କଟଲେରୀ ଏବଂ ନିଷିଦ୍ଧ ପ୍ୟାକେଜିଂ ସାମଗ୍ରୀ ଜବତ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ହୋଟେଲ ଶ୍ରୀ ଦୁର୍ଗାକୁ ବନ୍ଦ ନୋଟିସ୍ ଜାରି କରାଯିବ ବୋଲି ଜଣାପଡ଼ିଛି।

ସେହିଭଳି ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁଯାୟୀ ପଞ୍ଜୀକରଣ କରିବା ପାଇଁ ବିଭିନ୍ନ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ ଶ୍ରମ ବିଭାଗ ଦ୍ୱାରା ନୋଟିସ ଜାରି କରାଯିବ। ଶ୍ରମିକଙ୍କ ପାଇଁ ପଞ୍ଜିକାର ବ୍ୟବହାର କରିବାକୁ ବାଧ୍ୟତାମୂଳକ ଭାବରେ ଏବଂ ଓଡ଼ିଆ ଚିହ୍ନ ବ୍ୟବହାର କରିବାକୁ ଗୁରୁତ୍ୱ ଦେବାକୁ ବିଇଏମସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହୋଟେଲ ପୁଷ୍ପାରୁ ଜଳ ନମୁନା ଏବଂ ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି। ୯.୫୫ କିଲୋଗ୍ରାମ ବାସି ଖାଦ୍ୟ ନଷ୍ଟ କରାଯାଇଛି। ସେହିଭଳି ଷ୍ଟେସନ ରୋଡ୍‌ରେ ମାନା ଟ୍ରଷ୍ଟ ଦ୍ୱାରା ଚାଲୁଥିବା ଆହାର କେନ୍ଦ୍ରରେ ସ୍ୱଚ୍ଛତା ଅଭାବ ରହିଥିଲା। ଏହାକୁ କେନ୍ଦ୍ର କରି ବିଇଏମ୍‌ସି ପକ୍ଷରୁ ମାନା ଟ୍ରଷ୍ଟ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଆଗାମୀ ଦିନରେ ଏପରି ବହୁମୁଖୀ ଚଢାଉ ଆହୁରି ତୀବ୍ରତା ସହିତ ଜାରି ରହିବ ବୋଲି ବିଇଏମସି ଡ଼େପୁଟି କମିଶନର କଲ୍ୟାଣି ସଂଘମିତ୍ରାଙ୍କ ସୂତ୍ରରୁ ସୂଚନା ମିଳିଛି।

## ବାଲସୁଧାର ଗୃହକୁ ଗଲା ନାବାଳକ

ବ୍ରହ୍ମପୁର,୨୪।୬(ସମିସ): ବିଜିପୁର ସାନ ବାଉରୀ ସାହି ନିବାସୀ ନିରଞ୍ଜନ ଦାସଙ୍କ ଘରୁ ଚୋରି କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ନାବାଳକକୁ କାବୁ କରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ପରେ ନାବାଳକକୁ ବାଲସୁଧାର ଗୃହକୁ ପଠାଇଛି। ନାବାଳକ(୧୬) ଜଣକ ସାନବଜାର ଅଞ୍ଚଳର। ନାବାଳକଙ୍କ ନିକଟରୁ ପୁଲିସ ୨ଟି ମୋବାଇଲ ଓ ନଗଦ ୧୫ହଜାର ଟଙ୍କା ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୦ତାରିଖରେ ନିରଞ୍ଜନ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଘରେ ପଶି ଦୁଇଟି ମୋବାଇଲ ଓ ମନିପର୍ସ ଚୋରି କରିନେଇଥିଲା। ପର୍ସରେ ଏଟିଏମ, ପାନ କାର୍ଡ ସମେତ ନଗଦ ୨୨ହଜାର ୨୨୩ଟଙ୍କା ରହିଥିଲା। ଏନେଇ ନିରଞ୍ଜନ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଉକ୍ତ ନାବାଳକ ହିଁ ଚୋରି କରିଥିବା ଜଣାପଡିଥିଲା। ସେହିକ୍ରମରେ ପୁଲିସ ସମ୍ପୃକ୍ତ ନାବାଳକକୁ କାବୁ କରିଥିଲା।

## ଏମ୍‌କେସିଜିରେ ଶବ ବ୍ୟବଚ୍ଛେଦ ନେଇ ଉତ୍ତେଜନା



ବ୍ରହ୍ମପୁର,୨୪।୬(ସମିସ): ଜଣେ ଯୁବତୀଙ୍କ ଶବ ବ୍ୟବଚ୍ଛେଦକୁ ନେଇ ମଙ୍ଗଳବାର ଏମକେସିଜି ଆଶୁ ଚିକିତ୍ସା ବିଭାଗରେ ପାଟିତୁଣ୍ଡ ହୋଇଛି। ଖବର ପାଇ ଘଟଣା ସ୍ଥଳରେ ମେଡିକାଲ ଫାଣ୍ଡି ପୁଲିସ ପହଞ୍ଚି ମୃତ ଯୁବତୀଙ୍କ ପରିବାରକୁ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଯୁବତୀଙ୍କ ଶବ ବ୍ୟବଚ୍ଛେଦ କରିବାକୁ ପରିବାର ପକ୍ଷରୁ ରାଜି ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଆସିକା ଥାନା ଅନ୍ତର୍ଗତ ପୁଲସରପଲ୍ଲୀ ଗ୍ରାମର ୨୦ ବର୍ଷୀୟ ଯୁବତୀ ଗାୟତ୍ରୀ ଜେନାଙ୍କ ବାନ୍ତି ସହ ହାତଗୋଡ଼ ବଙ୍କା ହୋଇଯାଇଥିଲା। ପରିବାର ପକ୍ଷରୁ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଆସିକା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଗାୟତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମକେସିଜି ମେଡିକାଲରୁ ଡାକ୍ତର ସ୍ଥାନାନ୍ତରିତ କରିଥିଲେ। ଏମକେସିଜି ମେଡିକର ଆଶୁ ଚିକିତ୍ସା ବିଭାଗରେ ଗାୟତ୍ରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତର ପରାମର୍ଶ ଦେଇଥିବା ବେଳେ ପରିବାର ପକ୍ଷରୁ ରାଜି ହୋଇନଥିଲେ। ଏହାକୁ ନେଇ କିଛି ସମୟ ଧରି ମେଡିକାଲରେ ଉତ୍ତେଜନା ସୃଷ୍ଟି ହୋଇଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଜଣେ ଗିରଫ

ବ୍ରହ୍ମପୁର,୨୪।୬(ସମିସ): ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ଛକଠାରେ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ସାତପାଣ୍ଡିଆର ହରିଜନ ସାହିର ଅଭିଯୁକ୍ତ ନରେନ୍ଦ୍ର ନାଇକ (୩୦)କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୨ତାରିଖ ରାତି ୮ଟା ସମୟରେ ରାଇଝଳ ଗ୍ରାମର ପ୍ରଶାନ୍ତ ନାୟକ ଘରକୁ ଫେରୁଥିବା ବେଳେ ଆଙ୍କୁଶପୁର ଛକଠାରେ ନରି ନାଇକ ଅରଫ ନରେନ୍ଦ୍ର ପ୍ରଶାନ୍ତଙ୍କୁ ଏକ ଲୁହା ରୋଡ଼ରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇ ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଘଟଣାକୁ ନେଇ ପ୍ରଶାନ୍ତଙ୍କ ସ୍ତ୍ରୀ ମିତା ନାୟକ ସଦର ଥାନାରେ ଗତ ୨୩ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମାଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଘରେ ପଶି ନାବାଳିକାକୁ ଟେକିନେଲେ ୪ ଦୁର୍ବୃତ୍ତ

ବ୍ରହ୍ମପୁର,୨୪।୬(ସମିସ): ବିଏନପୁର ଥାନା ଅନ୍ତର୍ଗତ କୁମ୍ଭାରପଲ୍ଲୀ ଅଞ୍ଚଳରୁ ଜଣେ ୧୬ବର୍ଷୀୟ ନାବାଳିକାକୁ ତାଙ୍କ ଘରୁ ଚାରିଜଣ ଦୁର୍ବୃତ୍ତ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ନାବାଳିକା ଓ ତାଙ୍କ ସାନଭଉଣୀ ଘରେ ପାଠ ପଢୁଥିବା ବେଳେ ଏକ କାର୍‌ରେ ହଠାତ ୪ଜଣ ଦୁର୍ବୃତ୍ତ ନାବାଳିକାଙ୍କ ଘର ନିକଟରେ ପହଞ୍ଚି ସାନ ଭଉଣୀକୁ ମାଡ଼ ମାରି ବଡ଼ ଭଉଣୀକୁ ଉଠାଇ ନେଇ ଗାଡ଼ିରେ ଚାଲି ଯାଇଥିଲେ। ଘଟଣାକୁ ନେଇ ସାନଭଉଣୀ ମା'ଙ୍କୁ ଜଣାଇବା ପରେ ମା' ବିଏନପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗରେ ପଞ୍ଚମା ଅଞ୍ଚଳର ଜଣେ ଯୁବକଙ୍କ ନାମ ଉଲ୍ଲେଖ ରହିଛି। ବର୍ତ୍ତମାନ ପୁଲିସ ସମ୍ପୃକ୍ତ ଯୁବକଙ୍କ ମୋବାଇଲ ଟ୍ରାକିଂ କରିବା ସହ ପଞ୍ଚମା ସମେତ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରଖିଛି। ସୂଚନା ପ୍ରକାରେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ନାବାଳିକାଙ୍କ ପରିବାର ଅଭିଯୋଗ କରିଥିଲେ।

## ଆଦିତ୍ୟ ବାହିନୀ ପକ୍ଷରୁ ରାଷ୍ଟ୍ର ଉତ୍କର୍ଷ ଦିବସ

ବ୍ରହ୍ମପୁର,୨୪।୬(ସମିସ): ଆଦିତ୍ୟ ବାହିନୀର ବ୍ରହ୍ମପୁର ଶାଖା ପକ୍ଷରୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ୮୩ତମ ଉତ୍କର୍ଷ ଦିବସ ପାଳିତ ହୋଇଛି। ଇଂ. ସୂର୍ଯ୍ୟ ନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ଅଖିଳାନନ୍ଦ ତୀର୍ଥ ଯୋଗଦେଇ ସ୍ୱାମୀ ହରିଶରଣାନନ୍ଦ ସରସ୍ୱତୀ ଅନୁଷ୍ଠାନର ଉନ୍ନତି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିବା ସହ ପ୍ରତ୍ୟେକ ପଞ୍ଚାୟତରେ ଥିବା ଭାଗବତ ଟୁଙ୍ଗି ସହ ମିଳିତ ଭାବରେ କାର୍ଯ୍ୟ କରି ହିନ୍ଦୁମାନଙ୍କ ମଧ୍ୟରେ ଜାଗରଣ ଆଣିବା ନିମନ୍ତେ ସମସ୍ତେ ସହଯୋଗ ଓ ସମର୍ପଣ ଭାବ ନେଇ କାମ କରିବାକୁ ନିବେଦନ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ବାହିନୀ ସଭାପତି ଶିବଶଙ୍କର ମାଦଳା, ସମ୍ପାଦକ ସନ୍ତୋଷ କୁମାର ସାହୁ, ଉପଦେଷ୍ଟା ଉପେନ୍ଦ୍ର ପାଣିଗ୍ରାହୀ, ବିଶ୍ୱହିନ୍ଦୁ ପରିଷଦର ଗଞ୍ଜାମ ଜିଲ୍ଲା ସଭାପତି ଅଜିତ କୁମାର ମହାପାତ୍ର, ବିଜୟ ରାମ ପାଣିଗ୍ରାହୀ, ସଞ୍ଜିବ କୁମାର ପଟ୍ଟନାୟକ, ଗୋପାଳ କୃଷ୍ଣ ପାଢ଼ୀ, ନରସିଂହ ସାହୁ, ରତ୍ନଗର୍ଭା ସରସ୍ୱତୀ ଦେବୀ ଓ କୋଷାଧ୍ୟକ୍ଷ ରାମପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଦଳିତଙ୍କୁ ନିର୍ଯାତନା ଘଟଣାକୁ ନିନ୍ଦା | ବିଭିନ୍ନ ସଂଗଠନ ପକ୍ଷରୁ ଆର୍‌ଡିସିଙ୍କୁ ସ୍ମାରକପତ୍ର

ବ୍ରହ୍ମପୁର,୨୪।୬(ସମିସ): ଧରାକୋଟ ବ୍ଲକର ସିଙ୍ଗିପୁର ଗ୍ରାମର ଦୁଇଜଣ ଦଳିତଙ୍କ ଉପରେ ଖରୀଗୁମା ଗ୍ରାମର ତଥାକଥିତ ଗୋରକ୍ଷକ ବାହିନୀ ପକ୍ଷରୁ ଆକ୍ରମଣ ଘଟଣାରେ ବିଭିନ୍ନ ସଂଗଠନ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଭଳି ଘଟଣା ସମ୍ପୂର୍ଣ୍ଣ ଭାବେ ଅମାନୁଷିକ ଓ ବର୍ବରଚିତ ବୋଲି ଦାବି କରାଯାଇଛି। ଧର୍ମ ନାମରେ ଚାନ୍ଦା ଆଦାୟ ଓ ଦଳିତମାନଙ୍କ ଉପରେ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହୋଇଛି। ଅତିଶୀଘ୍ର ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବାକୁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଧରାକୋଟ ଘଟଣାର ଉଭୟ ପୀଡ଼ିତ ବାବୁଲା ନାୟକ ଓ ବୁଲୁ ନାୟକଙ୍କ ସମେତ ଗଞ୍ଜାମ ଜିଲ୍ଲା ଦଳିତ ମହାସଭାର ଆବାହକ ସଂଗ୍ରାମ ନାୟକ, ସନ୍ତୋଷ ନାୟକ, ସଞ୍ଜୟ ନାୟକ, ଏଆଇକେଏମଏସ୍ ରାଜ୍ୟ ସମ୍ପାଦକ ପ୍ରତାପ କୁମାର, ରୋହିତ ନାୟକ, ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ. ନାଦେଶୁ ସେନାପତି, ଶିକ୍ଷକ ନେତା ଅଶୋକ ଦଳାଇ, ସିପିଆଇ(ଏମ-ଏଲ) ନିଉ ଡେମୋକ୍ରାସୀର ଭାଲଚନ୍ଦ୍ର ଷଡ଼ଙ୍ଗୀ, ସିପିଏମର ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ସନ୍ତୋଷ ମହାପାତ୍ର, ଆଇଏଫଟିୟୁ ନେତା ପ୍ରତାପ ପ୍ରଧାନ ଓ ଆମ୍ ଆଦମୀ ପାର୍ଟିର ଆଦିତ୍ୟ ରଥଙ୍କ ସମେତ ସିପିଏମ, ସିପିଏମଏଲ, ଆପ ଏବଂ ଦଳିତ ଶୋଷଣ ମୁକ୍ତି ମଞ୍ଚର ବହୁ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




## ବ୍ରହ୍ମାକୁମାରୀ ରାଷ୍ଟ୍ରୀୟ ସମ୍ମିଳନୀ

ବ୍ରହ୍ମପୁର,୨୪।୬(ସମିସ): ରାମଚନ୍ଦ୍ରପୁର ସ୍ଥିତ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡର ପରିବହନ ଏବଂ ଯାତ୍ରା ବିଭାଗ ପକ୍ଷରୁ ସଡକ ନିରାପତ୍ତା ସମ୍ବନ୍ଧୀୟ ଏକ ରାଷ୍ଟ୍ରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ପରିବହନ, ବାଣିଜ୍ୟ ଖଣି ଏବଂ ଇସ୍ପାତ ମନ୍ତ୍ରୀ ଭ୍ରାତା ବିଭୂତି ଭୂଷଣ ଜେନା ଯୋଗଦେଇ ଉଦଘାଟନ କରିଥିଲେ।

ମୁଖ୍ୟବକ୍ତା ଭାବେ ପରିବହନ ଓ ଯାତ୍ରା ବିଭାଗର ରାଷ୍ଟ୍ରୀୟ ସଂଯୋଜିକା ରାଜଯୋଗିନୀ ବ୍ରହ୍ମାକୁମାରୀ କବିତା ଯୋଗଦେଇ ସଡକ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ସରୋଜ କୁମାର ସାବତ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗୋପାଳପୁର ଉପସେବାକେନ୍ଦ୍ର ସଂଚାଳିକା ଭଗିନୀ ସଙ୍ଘମିତ୍ରା ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଭଗିନୀ ଅର୍ଚ୍ଚନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ରାଷ୍ଟ୍ରୀୟ ଅଧ୍ୟକ୍ଷା ରାଜଯୋଗିନୀ ଦିବ୍ୟପ୍ରଭା ଓ ବ୍ରହ୍ମପୁର ସବ ଜୋନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳାଙ୍କ ସମେତ ବ୍ରହ୍ମପୁର ଆସ୍କାରୋଡ ଏବଂ ହଳଦିଆପଦର ଟ୍ରକ ଏବଂ ବସ୍ ଏସୋସିଏସନ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପରୀକ୍ଷାରେ ସଫଳତା ପରେ ଗଛ ଲଗାଇ ଖୁସି ମନାଇଲେ ଛାତ୍ରଛାତ୍ରୀ

ବ୍ରହ୍ମପୁର,୨୪।୬(ସମିସ): ଚଳିତବର୍ଷ ନିଟ ୨୦୨୫ ସହ ଜେଇଇ ମେନ୍‌ସ୍‌ରେ ସଫଳତା ଲାଭ କରିଥିବା ଆର୍ଯ୍ୟଭଟ୍ଟ ବ୍ରହ୍ମପୁରର କିଛି ଛାତ୍ରଛାତ୍ରୀ ନିଆରା ଢଙ୍ଗରେ ନିଜର ସଫଳତା ପାଳନ କରିଛନ୍ତି। ଛାତ୍ରଛାତ୍ରୀମାନେ ଆଜି ପୂର୍ବାହ୍ନରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ବ୍ରହ୍ମପୁର ଦ୍ୱାରା ଜୁନ୍ ୧୧ତାରିଖଠାରୁ ଚାଲୁ ରହିଥିବା ଲଣ୍ଡା ପାହାଡ଼ ବନୀକରଣ କାର୍ଯ୍ୟକ୍ରମରେ ଯୋଗଦେଇ ରାମଚନ୍ଦ୍ରପଲ୍ଲୀ ରଙ୍ଗମାଟିଆ ପାହାଡ଼ରେ



ବୃକ୍ଷରୋପଣ କରିବା ସହ ପ୍ରାୟ ୧୫୦୦ସିଡ ବଲ୍ ଫିଙ୍ଗିଛନ୍ତି। ଡାକ୍ତରୀ ବିଦ୍ୟା ଭଳି ଏକ ମହନୀୟ ସେବା ପାଇଁ ଶିକ୍ଷାଗ୍ରହଣ ପ୍ରକୃତି ମାତାଙ୍କ ସେବାରୁ ଆରମ୍ଭ କରିବା ଆମ ପାଇଁ ପ୍ରେରଣାଦାୟକ ଓ ଶୁଭଙ୍କର ବୋଲି ଛାତ୍ରଛାତ୍ରୀ ମତବ୍ୟକ୍ତ କରିଛନ୍ତି। ସମ୍ପୂର୍ଣ୍ଣ ଲଣ୍ଡା ଥିବା ଓ ନିକୃଷ୍ଟ ମୃତ୍ତିକା ଯୋଗୁଁ ଜଙ୍ଗଲ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ଏହି ପାହାଡ଼ରେ ୨୦୧୭ରୁ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍ ଦ୍ୱାରା ବନୀକରଣ ପ୍ରୟାସ ଜାରି ରହିଛି। ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହାରଣ ହୁଅନ୍ତୁ ବୋଲି ଅନୁଷ୍ଠାନ ମୁଖ୍ୟ ସୁଧୀର ରାଉତ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ରିଦ୍ଧିକ୍, ମୁସ୍କାନ୍, ତୃପ୍ତିମୟୀ, ମଧୁସ୍ମିତା, ବିଜୟଲକ୍ଷ୍ମୀ ଓ ରିତେଶ, ପ୍ରସନ୍ନଙ୍କ ସମେତ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ଶ୍ରୀ ରାଉତ, ସୁଶାନ୍ତ ମହାନ୍ତି, ଭୀମରାଜୁ ପାତ୍ର, କେ. ଘନଶ୍ୟାମ ପ୍ରମୁଖ ଯୋଗ ଦେଇଥିବାବେଳେ ମାଧବ ନାୟକ ଓ ଶୁଭେନ୍ଦୁ ପାତ୍ର ସହଯୋଗ କରିଥିଲେ।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା




ବ୍ରହ୍ମପୁର,୨୪।୬(ସମିସ)

ଗୋଲନ୍ଥରାସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ସିନେପ୍ଲେକ୍ସରେ ସଡ଼କ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୋଟର ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲର ବିଚାରକର୍ତ୍ତା ବିଶ୍ୱଜିତ ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଡିନ୍ ଡ. ପି. ରାଜେଶ କୁମାର, ମୋଟର ଚାଳକ ନିରୀକ୍ଷକ ରବୀନ୍ଦ୍ର ନାଥ ଜେନା, ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ, ଅବକାରୀ ଅଧୀକ୍ଷକ ଗଞ୍ଜାମ ଅମରେନ୍ଦ୍ର କୁମାର ଜେନା, ଅବକାରୀ ଅଧୀକ୍ଷକ ବ୍ରହ୍ମପୁର ପ୍ରବୀଣ କୁମାର ପ୍ରଧାନ ଯୋଗ ଦେଇଥିଲେ। ଶ୍ରୀ ଜେନା ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ହ୍ରାସ ନିମନ୍ତେ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଏଥିରେ ଗୋଲନ୍ଥରାରେ ଥିବା ଡ୍ରାଇଭିଂ ତାଲିମ ଏବଂ ଗବେଷଣା ପ୍ରତିଷ୍ଠାନର ୧୦୦ ପ୍ରଶିକ୍ଷଣ ନେଉଥିବା ଶିକ୍ଷାର୍ଥୀ, ବିଭିନ୍ନ ଗାଡ଼ି ଚାଳକ ସଂଘର କର୍ମକର୍ତ୍ତା, ରକ୍ଷକ, ନିଷ୍ଟ ବିଶ୍ୱବିଦ୍ୟାଳୟର ଡ୍ରାଇଭର୍, ୧୦୦ଜଣ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ସଡ଼କ ସୁରକ୍ଷା ସଚେତନତା ଏବଂ ନିଶା ଦ୍ରବ୍ୟ ବ୍ୟବହାର କରି ଗାଡ଼ି ଚଳାଇବା ଉପରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜେତାଙ୍କୁ ହେଲେମେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡ. ଆକାଂକ୍ଷା ପଟ୍ଟନାୟକ ପରିଚାଳନା କରିଥିଲେ। ଶିବିରକୁ ନିଷ୍ଟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଡ ବିଷ୍ଣୁଙ୍କର ନାୟକ, ଡ଼. ପ୍ରୀତିରଞ୍ଜନ ସାହୁ, ନିଷ୍ଟ ବିଶ୍ୱବିଦ୍ୟାଳୟର ପରିବହନ ପରିଚାଳକ ଡ଼ିଲି ଡମ୍ବରୁ ସେଠୀ, ପୀତାମ୍ବର ସାହୁ, ସୁରେଶ ମହାପାତ୍ର, କମଳ ପଟନାୟକ, ସଚିନ୍ଦ୍ର ମହାପାତ୍ର, ସରୋଜ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ନୂଆ ଜୀବନ ପାଇଲେ ବିମଳା | ଏମକେସିଜିରେ ଓପନ୍ ହାର୍ଟ ସର୍ଜରୀ ପରେ ଘରକୁ ଫେରିଲେ

ବ୍ରହ୍ମପୁର, ୨୪।୬ (ସମିସ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ସିଟିଭିଏସ(କାର୍ଡିଓ ଥେରାସିସ ଓ ଭାସକୁଲାର ସର୍ଜରୀ) ବିଭାଗରେ ଓପନ ହାର୍ଟ ସର୍ଜରୀ ହୋଇଥିବା ମହିଳା ମଙ୍ଗଳବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମହିଳାଙ୍କ ସମସ୍ତ ପରୀକ୍ଷା ସହ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯିବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ ମହିଳାଙ୍କ ସହ ସାକ୍ଷାତ କରିବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ମେଡିକାଲ ପକ୍ଷରୁ ପ୍ରଦାନ କରାଯାଇଥିବା ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ରୋଗୀଙ୍କ ହାର୍ଟରେ ଏକ ଛିଦ୍ର ରହିଥିଲା। ଏହା ଦ୍ୱାରା ରୋଗୀଙ୍କ ଶରୀରରେ ଦୂଷିତ ଓ ଉତ୍ତମ ରକ୍ତ ମଧ୍ୟରେ ମିଶ୍ରଣ ହେଉଥିଲା। ରୋଗୀଙ୍କ ଶ୍ୱାସ ହେବାରେ ବହୁ ସମସ୍ୟା ହୋଉଥିଲା। ଏହା ଜନ୍ମଗତ ସମସ୍ୟା ରହିଥିବା ବେଳେ ପ୍ରସୂତି ସମୟରେ ସମସ୍ୟା ବିଷୟରେ ଜାଣିଥିଲେ। ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ସହ ପରାମର୍ଶ କରିଥିବାବେଳେ ତାଙ୍କର ଓପନ ହାର୍ଟ ସର୍ଜରୀ ସଫଳ ହୋଇଥିବା ସିଟିଭିଏସ ବିଭାଗୀୟ ମୁଖ୍ୟ ଡ଼ା. ସାରଦା ପ୍ରସନ୍ନ ସାହୁ କହିଛନ୍ତି। ଡିସ୍‌ଚାର୍ଜ ସମୟରେ ଏମ୍‌କେସିଜି ମେଡ଼ିକାଲ ଅଧୀକ୍ଷକ ସମେତ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଆଇଆରଇଏଲର ଓଏସସିଓଏମ ଜେନିରାଲ ମ୍ୟାନେଜର ସିଭିଆର ମୂର୍ତ୍ତିଙ୍କ ସମେତ ସିଟିଭିଏସ ସମସ୍ତ ଡ଼ାକ୍ତର କର୍ମଚାରୀ ଏବଂ ଆଇଆରଇଏଲର ବହୁ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାର ଚିକିଟି ଅଞ୍ଚଳର ମହିଳା ବିମଳା ବେହେରାଙ୍କ ହାର୍ଟରେ ଏକ ଛିଦ୍ର ରହିଥିବାରୁ ସେ କିଛି ଦିନ ତଳେ ଏମ୍‌କେସିଜି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ହୃଦ ରୋଗ ବିଭାଗ ଡାକ୍ତରମାନେ ତାଙ୍କର ଇକୋ ପରୀକ୍ଷା କରିବା ଛିଦ୍ର ରହିଥିବା ଜାଣିବାକୁ ପାଇଥିବା ବେଳେ ଓପନ ହାର୍ଟ ସର୍ଜରୀର ଆବଶ୍ୟକତାର ରହିଥିବା ପରାମର୍ଶ ଦେଇଥିଲେ। ଏହି ଅପରେସନରେ ଏମକେସିଜି ସିଟିଭିଏସ ବିଭାଗ ଡାକ୍ତର ସହ ନିଶ୍ଚେତକ ବିଭାଗ ଡାକ୍ତର ଓ କଟକ ଏସସିବି ମେଡିକାଲର ଏକ ଡାକ୍ତର ଦଳ ସାମିଲ ହୋଇଥିଲେ। ଉକ୍ତ ଡାକ୍ତରୀ ଟିମ୍ ମିଳିତଭାବେ ମହିଳାଙ୍କ ହାର୍ଟ ଅପରେସନ କରିଥିଲେ। ଏମକେସିଜି ମେଡ଼ିକାଲରେ ଦୀର୍ଘ ବର୍ଷେ ପରେ ସଫଳ ଓପନ ହାର୍ଟ ସର୍ଜରୀ କରାଯାଇଥିବାରୁ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।



## ସେନାପତି ଗ୍ୟାଙ୍ଗ ମୁଖ୍ୟ 'ଜୁଲି' ଓ ସହଯୋଗୀଙ୍କ ନାମରେ ପୁଣି ମାମଲା

- ମାମଲା ସଂଖ୍ୟା ୫କୁ ବୃଦ୍ଧି
- ଦୋକାନୀଙ୍କୁ ମାସିକ ୨୦ହଜାର ଦାଦାବଟି ମାଗିବା ଓ ଧମକ ଦେବା ଅଭିଯୋଗ

ବ୍ରହ୍ମପୁର,୨୪।୬(ସମିସ)

ବନ୍ଧୁକ ମୁନରେ ଧମକ ଦେବା ଅପହରଣ କରିବା ଭଳି ଅଭିଯୋଗରେ 'ସେନାପତି ଗ୍ୟାଙ୍ଗ' ବିରୋଧରେ ମୁହଁଖୋଲିବା ଆରମ୍ଭ କରିଛନ୍ତି ଲୋକେ। ପୂର୍ବରୁ ୩ଟି ମାମଲାରେ ଗ୍ୟାଙ୍ଗ ମୁଖ୍ୟ ରତିକାନ୍ତ ସେନାପତି ଓରଫ୍ ଜୁଲି ଗିରଫ ହୋଇ କୋର୍ଟରୁ ସର୍ତ୍ତମୂଳକ ଜାମିନରେ ମୁକୁଳିଥିଲା। ପରେ ଟାଉନ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ଟାଉନଥାନା ପୁଲିସ ଜୁଲି ଓ ତାର ସହଯୋଗୀଙ୍କୁ ଖୋଜୁଥିବା ବେଳେ ବର୍ତ୍ତମାନ ପୁଣି ଏକ ମାମଲା ଜୁଲି ଓ ତାର ସହଯୋଗୀଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଜଣାପଡିଛି। ଟାଉନ ଥାନାରେ ପ୍ରକାଶ ସାହୁ ନାମକ ଜଣେ ଦୋକାନୀ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।




ଫଳରେ ସେନାପତି ଗ୍ୟାଙ୍ଗ ବିରୁଦ୍ଧରେ ମାମଲା ସଂଖ୍ୟା ୫କୁ ବୃଦ୍ଧି ପାଇଛି। ପ୍ରକାଶ ଯୋଗ୍ୟ ଯେ' ଶିବଶକ୍ତିନଗରର ପ୍ରକାଶ ସାହୁ କୋକବାରି ସାହିରେ ଏକ ଜଳଖିଆ ଦୋକାନ କରିଛନ୍ତି। ପ୍ରକାଶଙ୍କୁ ଜୁଲି ଓ ତାର ସହଯୋଗୀମାନେ ମାସିକ ୨୦ହଜାର ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ନଦେଲେ ଗୁଣ୍ଡା ପଠାଇ ଧମକଚମକ ଦେଉଥିଲେ। ଫଳରେ ଭୟଭୀତ ହୋଇ ପ୍ରକାଶ ମାସିକ ୨୦ହଜାର ଟଙ୍କା ବଟି ଦେଇ ଆସୁଥିଲେ। ତେବେ ନିକଟରେ ଜୁଲି ଗିରଫ ହୋଇ ଜେଲ ଗଲାପରେ ପ୍ରକାଶ ପୂର୍ବଭଳି ଆଉ ମାସିକ ୨୦ହଜାର ଟଙ୍କା ଦେଇନଥିଲେ। ଗତ ୨୧ତାରିଖରେ ପ୍ରକାଶଙ୍କ ଦୋକାନକୁ କିଛି ପିଲା ଯାଇ ବଡ ମସଜିଦ ନିକଟକୁ ଡକାଇଥିଲେ। ପ୍ରକାଶ ନଯିବାରୁ ତାଙ୍କ ସାନ ଭାଇ ସନ୍ତୋଷ ସାହୁଙ୍କୁ ବାଇକରେ ମସଜିଦ ନିକଟକୁ ନେଇଯାଇଥିଲେ। ପରେ ପ୍ରକାଶ କିଛି ସାମଗ୍ରୀ କିଣିବାକୁ ଭାପୁର ବଜାରକୁ ଯାଇଥିବା ବେଳେ ଜୁଲି ଓ ତାଙ୍କ ସହଯୋଗୀମାନେ ପ୍ରକାଶଙ୍କୁ ମାଉଜର ଦେଖାଇ ଧମକ ଦେଇଥିବା ନେଇ ପ୍ରକାଶ ନିଜ ଏତଲାରେ ଉଲ୍ଲେଖ କରିଛନ୍ତି। ଜୁଲି ଓ ଅନ୍ୟ ୨ଜଣଙ୍କ ନାମରେ ପୁଲିସ ୨୫ଆର୍ମସ ଆକ୍ଟରେ ମାମଲା ରୁଜୁ କରିଥିବା ଜଣାପଡିଛି।

# ସରକାରୀ ସୁବିଧାରୁ ବଞ୍ଚିତ ଲବ ଦିଗାଲ

## ମିଳିନି ଆବାସ ଗୃହ, ରାସନ କାର୍ଡ କି ବାର୍ଦ୍ଧକ୍ୟ ଭତ୍ତା



ଫିରିଙ୍ଗିଆ,୨୪।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଆଜି ପର୍ଯ୍ୟନ୍ତ ବହୁ ଲୋକ ସର୍ବନିମ୍ନ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ରହିଛି। ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୁବିଧା ମିଳି ପାରିନାହିଁ। ଏମିତି ଜଣେ ବ୍ୟକ୍ତି ହେଲେ ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ରାଇଗୁଡ଼ା ଗାଁର ଲବ ଦିଗାଲ(୬୭)। ସେ ଆଜି ପର୍ଯ୍ୟନ୍ତ ସରକାରଙ୍କ କୌଣସି ସୁବିଧା ପାଇପାରି ନାହାନ୍ତି। ଆବାସ ଗୃହ ଦୂରର କଥା ରାସନ କାର୍ଡ ହେଉ କି ବାର୍ଦ୍ଧକ୍ୟ ଭତ୍ତା ବି ମିଳି ପାରିନାହିଁ। ଲବ ଏବେ ଏକ ଭଙ୍ଗା ଘରେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ଖରାଦିନେ ଯେଣେତେଣେ ପ୍ରକାରେ ଚଳି ଯାଉଥିବା ବେଳେ ବର୍ଷା ଦିନ ଆସିଲେ ଝାଟିମାଟି ଭଙ୍ଗାଦଦରା ଘର ଯୋଗୁଁ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଚାରିଆଡେ ପାଣି ଗଳୁଛି। ସେ ରାସନ କାର୍ଡ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡିଥିଲେ ମଧ୍ୟ ତାହା ମିଳିନାହିଁ। ବର୍ତ୍ତମାନ ବୟସ ବଢିବା ସାଙ୍ଗକୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଭତ୍ତା ବି ମିଳିନାହିଁ। ଆବାସ ଗୃହ, ବାର୍ଦ୍ଧକ୍ୟ ଭତ୍ତା ଏବଂ ରାସନ କାର୍ଡ ପାଇଁ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟକୁ ଯାଇ ଗୁହାରି କରିଥିଲେ ମଧ୍ୟ କିଛି ସୁଫଳ ମିଳିନି ବୋଲି ଲବ କହିଛନ୍ତି। ଆଗାମୀ ଦିନରେ ତୁରନ୍ତ ସରକାରଙ୍କ ଦ୍ୱାରା ମିଳୁଥିବା ସମସ୍ତ ସୁବିଧା ଆବାସ ଗୃହ, ଭତ୍ତା ଓ ରାସନ କାର୍ଡ ଯୋଗାଇଦେଲେ ଭଲରେ ଚଳି ପାରିବି ବୋଲି ଲବ କହିଛନ୍ତି। ତୁରନ୍ତ ଲବଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ରାଇଗୁଡ଼ା ଗ୍ରାମବାସୀ ଦାବି କରିଛନ୍ତି।

# ପାଞ୍ଚଛକ-ଡିମିରିଗୁଡ଼ା ରାସ୍ତା କାଦୁଅ ପଚପଚ

- ଯାତାୟତ ବାଧାପ୍ରାପ୍ତ, ତେଜୁଛି ଅସନ୍ତୋଷ
- ମୋରମ ବଦଳରେ ପଡ଼ିଛି ମାଟି



ଫିରିଙ୍ଗିଆ,୨୪।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡ଼ା ପଞ୍ଚାୟତ ମୁଖ୍ୟାଳୟ ତଥା ପାଞ୍ଚଛକ ଠାରୁ ଡିମିରିଗୁଡ଼ା ଯିବା ରାସ୍ତା ବର୍ତ୍ତମାନ ଆଣ୍ଠୁଏ କାଦୁଅରେ ପଚପଚ ହେଉଥିବା ଯୋଗୁଁ ଅସନ୍ତୋଷ ତେଜୁଛି। ବାଇକ୍, ସାଇକଲ ଓ ପାଦରେ ଯିବା ଦୂରର କଥା ଚାରିଚକିଆ ଗାଡ଼ି ଗଲେ ବି କାଦୁଅରେ ଚକା ଲାଗିଯାଉଛି। ବାଇକ୍ ଓ ସାଇକଲରେ ଯାଉଥିବା ଲୋକେ ଅଧା ରାସ୍ତାରେ କାଦୁଅରେ ଦେହସାରା ସରବର ହେଉଥିବା ବେଳେ ରାସ୍ତା ମଝିରେ କାଦୁଅରେ ଗୋଡ଼ ଖସି ଆହତ ହେଉଛନ୍ତି। ଦୀର୍ଘ ଦିନ ପୂର୍ବରୁ ଅଞ୍ଚଳବାସୀ ଏହି ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ପାଞ୍ଚ ଛକ ଓ ସେପଟେ ଡିମିରିଗୁଡ଼ା ଗାଁ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ ରାସ୍ତା ନିର୍ମାଣ କରାଯାଇଥିବାବେଳେ ମଝିରେ ମାତ୍ର ୫ ଶହରୁ ୬ ସହ ମିଟର ରାସ୍ତା କାମ ବାକି ରହିଛି। କିନ୍ତୁ ଏହି କମ ରାସ୍ତା ସଂଯୋଗ ହୋଇନଥିବାରୁ ଏଥି ପ୍ରତି ପ୍ରଶାସନ କିମ୍ବା କାହାର ଦୃଷ୍ଟି ପଡୁନାହିଁ। ପୂର୍ବରୁ ମେଟାଲିଂ କରାଯାଇ ରାସ୍ତା ଯେଣେତେଣେ ପ୍ରକାରେ ଯାତାୟତ ସୁବିଧା ହେଉଥିଲା। ଖରା ଦିନେ ରାସ୍ତା ଉପରେ ବ୍ଲକ ପ୍ରଶାସନ ତରଫରୁ ମୋରମ ପକାଇ ରାସ୍ତାକୁ ମରାମତି ବ୍ୟବସ୍ଥା କରିବାକୁ ଅନୁଦାନ ଦିଆଯାଇଛି। ମୋରମ ବଦଳରେ ରାସ୍ତା ଉପରେ ମାଟି ପକାଇ ଦିଆଯାଇଥିବାରୁ ରାସ୍ତା ସମସ୍ୟା ଜଟିଳ ହୋଇପଡ଼ିଛି। ରାସ୍ତା ପାଶ୍ୱର୍ରେ ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ସହ ସ୍ମାର୍ଟ ସ୍କୁଲ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏହି ରାସ୍ତା ଦେଇ କୁନି କୁନି କୋମଳ ମତି ଶିଶୁ ଠାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ହେଉ କି ପଞ୍ଚାୟତ କାର୍ଯ୍ୟାଳୟ କୁ ଭତ୍ତା ପାଇଁ ଅସହାୟ, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଯାତାୟତ କରୁଛନ୍ତି। କେବଳ ଏତିକି ନୁହେଁ ଡିମିରିଗୁଡା ପଞ୍ଚାୟତର ସମସ୍ତ ୱାର୍ଡର ଜନସାଧାରଣ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଯାତାୟତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ଅର୍ଜୁନ କହଁର, ଦୀପକ ଦିଗାଲ, ଦିବାକର ଦିଗାଲ, ରଘୁପତି କହଁର, ରଞ୍ଜିତ କହଁର, ଗୋପୀନାଥ ଭୁକ୍ତା, ସାମୁଏଲ ଦିଗାଲ, ବଳଭଦ୍ର ଦିଗାଲଙ୍କ ସହ ଅଞ୍ଚଳ ବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ତୁରନ୍ତ ଏହାର ସମାଧାନ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ରାସ୍ତାରେ ମୋରମ ବଦଳରେ ମାଟି ପକାଯାଇଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

**• ପେଟ ଚିନ୍ତାରେ ମଧ୍ୟପ୍ରଦେଶରୁ ଆସିଛନ୍ତି ୫ ପରିବାର**

# ଠାକୁରାଣୀ ଯାତ୍ରାରେ ରୋଜଗାର ଦେଇଛି ବେଲୁନ୍

ଜି.ଉଦୟଗିରି,୨୪।୬(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ୧୭ ଦିନ ଧରି ଚାଲିଥିବା ଠାକୁରାଣୀ ଯାତ୍ରା ଶେଷ ହୋଇଛି। ଏହି ଯାତ୍ରାରେ ପେଟ ପୋଷିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପରିବାର ଅସେି ନିଜ ନିଜ ବ୍ୟବସାୟ କରିଥିଲେ। ଏବେ ଯାତ୍ରା ସରିବାରୁ ଅନ୍ୟ ସ୍ଥାନକୁ ଯିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି



ମଧ୍ୟପ୍ରଦେଶରୁ ଆସିଥିବା ୫ ବେଲୁନ ବିକିବା ପରିବାର। ୫ ପରିବାରରେ ଅଛନ୍ତି ୧୫ ସଦସ୍ୟ। ସେଥିରେ ଅଛନ୍ତି ୭ ଛୋଟ ପିଲା। ପେଟ ପାଇଁ ଛୁଆ ପିଲା ଧରି ରାଜ୍ୟରୁ ରାଜ୍ୟ ଓ ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ବୁଲୁଛନ୍ତି ସେମାନେ। ବିଭିନ୍ନ ପ୍ରକାର ଓ ରଙ୍ଗର ବେଲୁନ ସେମାନେ ବିକ୍ରି କରିଥାଆନ୍ତି। ଖରା ବର୍ଷାକୁ ଖାତିରି ନ କରି, ଯେଉଁଠି ପାଇଲେ ସେଠି ରାତ୍ରି ଯାପନ କରି ପେଟ ପାଇଁ ଦିନ ରାତି ପରିଶ୍ରମ କରି ପରିବାର ପୋଷଣ କରୁଛନ୍ତି। ଦିନତମାମ ପରିଶ୍ରମ କରି ୫୦୦ରୁ ଏକ ହଜାର କାରବାର କରୁଥିବା ସେମାନେ କହିଛନ୍ତ। ଠାକୁରାଣୀ ଯାତ୍ରାରେ ଭଲ କାରବାର ହୋଇଥିବା ପ୍ରକାଶ କରିଛନ୍ତି। ଏଠିକାର ଲୋକ ବହୁତ ଭଲ। ଏବେ ଯାତ୍ରା ସରିଛି ଆମେ ଫିରିଙ୍ଗିଆରେ ପିତାବଳି ଯାତ୍ରା ହେବାକୁ ଥିବାରୁ ସେଠାକୁ ଯାଉଛୁ ବୋଲି କହିଛନ୍ତି। ଲୋକମାନେ ପରିଶ୍ରମ ନକରି ଅସତ ଉପାୟ ରେ ଧନ ଉପାର୍ଜନ କରିବା ରାସ୍ତା ବାଛି ନେଉଥିବା ବେଳେ ଏ ଲୋକଙ୍କ ପରିଶ୍ରମ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଛି।

**• ରଥଯାତ୍ରାରେ ଟ୍ରାଫିକ୍ ନିୟନ୍ତ୍ରଣ**

# ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନର ମିଳିତ ଚଢ଼ଉ



ପାରଳାଖେମୁଣ୍ଡି,୨୪।୬: ଗଜପତି ଜିଲ୍ଲା ସଦରମହକୁମାରେ ହେବାକୁ ଥିବା ରଥଯାତ୍ରା ସମୟରେ ଭିଡ ତଥା ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଜବରଦଖଲ ଉଚ୍ଛେଦ ସହ ବିଭିନ୍ନ ସ୍ଥାନରେ ଅବାଧ ପାର୍କିଂ ନ କରିବାକୁ ଆଜି ପ୍ରଶାସନ ଚେତାବନୀ ଦେଇଛି। ସ୍ଥାନୀୟ ହାଇସ୍କୁଲ ଛକ ଠାରୁ ଆରମ୍ଭ କରି ରାଜଦାଣ୍ଡ ଏବଂ ରାଜଦାଣ୍ଡରୁ ମୁଖ୍ୟବଜାର ସଂଯୋଗୀକରଣ କରୁଥିବା ସନ୍ୟାନାଇଡୁ ସାହି, ମୁଖ୍ୟବଜାର ଛକ, ବଜାର ସାହି ଛକ ଆଦି ସ୍ଥାନରେ ଦବରଦଖଲକାରୀଙ୍କୁ ଗୋଟିଏ ଦିନ ମଧ୍ୟରେ ହଟିଯିବା ପାଇଁ କୁହାଯାଇଛି। ତାହା ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ନେତୃତ୍ୱରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ତହସିଲଦାର ନାରାୟଣ ବେହେରା, ପୌରପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଅତିରିକ୍ତ ତହସିଲଦାର ଆଲିଆ ରେଡ୍ଡିଙ୍କ ସମେତ କର୍ମଚାରୀ ସହରର ବିଭିନ୍ନ ସ୍ଥାନକୁ ଯାଇ ଜବରଦଖଲ ଉଚ୍ଛେଦ ଓ ଅବାଧ ପାର୍କିଂ କରୁଥିବା ସ୍ଥାନରେ ମିଳିତ ଚଢଉ କରିଥିଲେ।

ଜବରଦଖଲକାରୀ ରାସ୍ତା ଉପରେ ରଖିଥିବା ହୋର୍ଡିଂ ବୋର୍ଡ ଠାରୁ ଆରମ୍ଭ କରି କରିଥିବା ଷ୍ଟାଣ୍ଡ ଆଦିକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ସନ୍ୟାନାଇଡୁ ସାହିରେ ହେଉଥିବା ଅବାଧ ପାର୍କିଂକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଯଦି ଏଥିରେ ଖିଲାଫ କରାଯାଏ ତାହାହେଲେ ଜରିମାନା ଆଦାୟ ସହ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ସତର୍କ କରାଯାଇଛି।

ତିନି ଦିନ ପୂର୍ବେ ଜବରଦଖଲ ଓ ଅବାଧ ପାର୍କିଂକୁ ନେଇ ମାଇକ ଯୋଗେ ପ୍ରଚାର କରାଯାଇଥିଲା। ହେଲେ କେହି ଶୁଣିଲେ ନାହିଁ। ଆଜି ପୁଣି ଶେଷ ଥର ପାଇଁ ଚେତାବନୀ ଦିଆଯାଇ ଛଡ଼ାଯାଇଛି। ଯଦି ଗୋଟିଏ ଦିନ ମଧ୍ୟରେ ଜବରଦଖଲକାରୀ କିମ୍ବା ଅବାଧ ପାର୍କିଂ କରୁଥିବା ବ୍ୟକ୍ତିବିଶେଷ ଅମାନିଆ ହୁଅନ୍ତି ତେବେ ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଯିବ। ସେହିପରି ରାଜଦାଣ୍ଡ ଓ ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ରାସ୍ତାରେ ଅବାଧ ପାର୍କିଂ କଲେ ବିଭାଗୀୟ ନିୟମାନୁସାରେ ଜରିମାନା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ 'ଜ୍ଞାନ ପ୍ରକାଶ ସାହିତ୍ୟ ସମ୍ମାନ'



ଜି.ଉଦୟଗିରି,୨୪।୬(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ସରକାରୀ ପ୍ରାଥମିକ ସେବାଶ୍ରମ ଡଡାପଡ଼ାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୈତାରୀ ଦିଗାଲଙ୍କୁ ଜ୍ଞାନ ପ୍ରକାଶ ସାହିତ୍ୟ ସମ୍ମାନ ମିଳିଛି।

ଭୁବନେଶ୍ୱର ଜୟଦେବ ଭବନରେ ଜ୍ଞାନ ପ୍ରକାଶ ପରିବାର ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟଙ୍ଗକବି ତଥା ସାହିତ୍ୟକ ଜ୍ଞାନ ହୋତା ଆସାମର ଦୁଇ ଜଣ ବିଶିଷ୍ଟ ସାହିତ୍ୟିକଙ୍କ ଉପସ୍ଥିତିରେ ତାଙ୍କୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଡିଗାଲ ଜଣେ ପାରଦର୍ଶୀ ସାହିତ୍ୟିକ ଭାବରେ ବିଭିନ୍ନ ଶିଶୁ କବିତା, ଫୁଲରାଣୀରୁ ଫୁଲବାଣୀ, ବାସିପଖାଳ, ଆମ କନ୍ଧମାଳ ଭଳି ଲେଖା ରହିଥିବା ବେଳେ ପରିବେଶ ସୁରକ୍ଷା ପାଇଁ ଚଳିତ ବର୍ଷ ପ୍ରକୃତି ବନ୍ଧୁ ପୁରସ୍କୃତ ପାଇଛନ୍ତି। କବିତା ଗଳ୍ପ ଓ ନାଟକ ଆଦି ଲେଖି ପ୍ରଶଂସା ପାଇଛନ୍ତି। ସେ ଏହି ପୁରସ୍କାର ପାଇଥିବାରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ବନଦୁର୍ଗା ମନ୍ଦିରରୁ ସୁନା ଅଳଙ୍କାର ଚୋରି

## ଧରାପଡ଼ିଲା ଦୁର୍ବୃତ୍ତ

ପାରଳାଖେମୁଣ୍ଡି,୨୪।୬(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଚୋରି ଘଟଣା ଥମୁ ନାହିଁ। ଦିନ ହେଉ କି ରାତି ଦୁର୍ବୃତ୍ତ କାୟା ବିସ୍ତାର କରି ଚାଲିଛନ୍ତି। ଘରେ ତାଲା ପଡିଲେ କଳାକନା



ବୁଲାଉଛନ୍ତି। ଏପରିକି ଦିନ ଦିପହରରେ ମଧ୍ୟ ଏପରି ଧାରା ଜାରି ରହିଛି। ଆଜି ମଧ୍ୟାହ୍ନରେ ଚଳଚଞ୍ଚଳମୟ ଦୁର୍ଗାମାପେଟା ସାହିରେ ଥିବା ବନଦୁର୍ଗା ମନ୍ଦିରରେ ଜଣେ ଚୋର ମାଙ୍କ ସୁନା ଅଳଙ୍କାର ଚୋରି କରିବା ଏବଂ ପରେ ଧରାପଡିବା ଘଟଣା ସାମନାକୁ ଆସିଛି। ସୂଚନା ପ୍ରକାରେ ଦୁର୍ବୃତ୍ତ ଜଣକ ମନ୍ଦିରରେ ପଶି ମାଙ୍କ ସ୍ୱର୍ଣ୍ଣ ଅଳଙ୍କାର ଚୋରି କରିନେଇଥିଲା। ଏହି ସମୟରେ ମନ୍ଦିରର ପୂଜକ ସ୍ୱଳ୍ପ ସମୟ ପାଇଁ କୌଣସି କାମରେ ବାହାରକୁ ଯାଇଥିଲେ। ସେ ଫେରିବା ପରେ ବନଦୁର୍ଗା ମାଙ୍କ ପ୍ରତିମୂର୍ତ୍ତିରେ ସୁନା ଅଳଙ୍କାର ନଥିବା ଦେଖିଥିଲେ। ସେ ତୁରନ୍ତ ମନ୍ଦିର ପରିସରରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଦେଖିଥିଲେ। ଜଣେ ଦୁର୍ବୃତ୍ତ ମାଙ୍କ ବେକରୁ ସ୍ୱର୍ଣ୍ଣ ଅଳଙ୍କାର ଚୋରି କରିବା ଜଣାପଡିଥିଲା। ଏସବୁ ଘଟଣା ସ୍ୱଳ୍ପ ସମୟ ମଧ୍ୟରେ ହୋଇଥିବାରୁ ପୂଜକ ଜଣକ କାଳବିଳମ୍ବ ନକରି ସାହି ବାସିନ୍ଦାଙ୍କୁ କହିବା ସହ ଦୁର୍ବୃତ୍ତର ପିଛା କରିଥିଲେ। ଦୁର୍ବୃତ୍ତ ଜଣକ ସେହି ଅଞ୍ଚଳରେ ବୁଲୁଥିବା ଅବସ୍ଥାରେ ଦେଖି ଧରିଥିଲେ ଏବଂ ପରେ ପାରଳାଖେମୁଣ୍ଡି ଆଦର୍ଶ ଥାନାର ଜିମା ଦେଇଥିଲେ। ଘଟଣା ସ୍ଥଳରେ ଏସ୍ଆଇ ଲକ୍ଷ୍ମଣ ବେସରା ସଦଳବଳେ ପହଞ୍ଚି ଚୋରକୁ ଧରି ଥାନାକୁ ନେଇଛନ୍ତି। ଏନେଇ ତଦନ୍ତ ଜାରି ରହିଥିବା ବେଳେ ବୟସ୍କ ଚୋର ସଠିକ ନାମ ଓ ଠିକଣା ଆଦିକୁ ନେଇ ଅନୁସନ୍ଧାନ କରାଯାଉଛି।

**• ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନେଇ ଅସନ୍ତୋଷ**

# ପୂର୍ତ୍ତ ବିଭାଗ ଅଧୀକ୍ଷଣଯନ୍ତ୍ରୀଙ୍କୁ ଦାବିପତ୍ର

ପାରଳାଖେମୁଣ୍ଡି,୨୪।୬(ସମିସ): ପାରଳାଖେମୁଣ୍ଡି ସହରର ମୁଖ୍ୟରାସ୍ତାର ସମ୍ପ୍ରସାରଣ କିମ୍ବା ବାଇପାସ୍ ରାସ୍ତା ହୋଇପାରିନି। ପୂର୍ବତନ ସରକାର ଯୋଜନା କରି ବାଇପାସ୍ ରାସ୍ତା ପାଇଁ ବ୍ୟୟ ଅଟକଳ କରିଥିଲେ। ହେଲେ ସରକାର ବଦଳିଲା ପରେ ତାହା ବନ୍ଦ ହୋଇଯାଇଛି। ପୌରାଞ୍ଚଳ ମାନ୍ୟତା ପାଇଥିବା ଏହି ପୁରାତନ ସହର ସେହି ପୁରାତନରେ ହିଁ ରହିଯାଇଛି। ବଦଳିଛି କେବଳ ଜନବସତି ଆଉ ଲୋକଙ୍କ ଘର। ସହରର ମୁଖ୍ୟ ରାସ୍ତା ସେହିଭଳି ପଡ଼ିରହିଛି। ସହରରେ ବର୍ତ୍ତମାନ ୫୦ ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ ୧୯୯୨ ମସିହାରେ ଜିଲ୍ଲା ଗଠନ ହେବା ପରେ ମଧ୍ୟ ଏହାର ରୂପରେଖ ବଦଳିନି। ଜିଲ୍ଲା ସଦରମହକୁମା ହୋଇଥିବା ଯୋଗୁଁ ସାତ ବ୍ଲକର ଜନସାଧାରଣ ଏଠାକୁ ଆସିଥାଆନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସୀମାନ୍ତବର୍ତ୍ତୀ ଗ୍ରାମ ମଧ୍ୟରେ ସହରାଞ୍ଚଳ ନଥିବା ଯୋଗୁଁ ସେମାନେ ମଧ୍ୟ ଏହି ସହର ଉପରେ ସ୍ୱାସ୍ଥ୍ୟସେବା, ବଜାର ଆଦି ଠାରୁ ଆରମ୍ଭ କରି ବିଭିନ୍ନ କାରବାର ଉପରେ ନିର୍ଭର କରିଥାନ୍ତି। ଏହି ସବୁ କାରଣରୁ ସହର ସଦାସର୍ବଦା ଚଳଚଞ୍ଚଳ ହୋଇଥାଏ। ଦିନକୁ ଦିନ ସହରର ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ବାହାର ରାଜ୍ୟର ଲୋକଙ୍କ ଯାତାୟତ ଯୋଗୁଁ ଟ୍ରାଫିକ ସମସ୍ୟା ଲାଗି ରହିଛି। କିନ୍ତୁ ରାସ୍ତାଘାଟର ସଂପ୍ରସାରଣ କିମ୍ବା ବିକାଶ ହେଉନି। ପୂର୍ବରୁ ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ବାରମ୍ବାର ସରକାର ଓ ଜିଲ୍ଲାପ୍ରଶାସନ ଏବଂ ପୂର୍ତ୍ତବିଭାଗ ନିକଟରେ ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ଏକାଧିକବାର ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରୟାସ କରାଯାଇଛି । ହେଲେ କୌଣସି କାରଣରୁ ଅଟକିଯାଇଛି। ଗତ ମାସରେ ରାସ୍ତା ପ୍ରଶସ୍ତୀକରଣ ଓ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପୁଣି କାମ ଆରମ୍ଭ କରାଯାଇଥିଲା। ହେଲେ ୪୪ ଫୁଟ ରାସ୍ତା ପ୍ରଶସ୍ତୀକରଣ କରାଯିବା ବିଷୟ ଜାଣିବା ପରେ ଚୌଡାକୁ ନେଇ ସହରବାସୀ ଓ ବିଜେପି ପକ୍ଷରୁ ବିରୋଧ କରାଯାଇଥିଲା। ଏହା ୬୬ ଫୁଟ କରାଯିବାକୁ ଦାବି କରାଯାଇଥିଲା। ଏଥିଯୋଗୁଁ ପ୍ରଥମ ଦିନରେ ହିଁ କାମ ବନ୍ଦ ହୋଇଯାଇଥିଲା। ହେଲେ ମଙ୍ଗଳବାର ପୁଣି ସେହି କାମ ଆରମ୍ଭ କରାଯାଇଥିଲା। ଏଭଳି ସ୍ଥିତିରେ ବହୁ ବିଜେପି କର୍ମୀ ପୂର୍ତ୍ତ ବିଭାଗ ଅଧୀକ୍ଷଣଯନ୍ତ୍ରୀ ଅଭିଷେକ ସେଠୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶସ୍ତୀକରଣ ୪୪ ଫୁଟ ପରିବର୍ତ୍ତେ ୬୬ ଫୁଟ କରାଯିବାକୁ ଦାବି କରାଯାଇଥିଲା। ଯାନବାହାନ ଚଳାଚଳ, ସୁରକ୍ଷିତ ପଦଯାତ୍ରୀ, ଡ୍ରେନେଜ୍ ବ୍ୟବସ୍ଥା, ପାର୍କିଂ, ଜରୁରୀକାଳୀନ ବ୍ୟବସ୍ଥା ପାଇଁ ୬୬ ଫୁଟ ଚଉଡ଼ା ରାସ୍ତା ଅତ୍ୟାବଶ୍ୟକ ବୋଲି କୁହାଯାଇଥିଲା। ପ୍ରସଙ୍ଗର ତୁରନ୍ତ ସମାଧାନ କରାନଗଲେ ପ୍ରତିବାଦ ଏବଂ ଆଇନଗତ ଆଶ୍ରୟ ନିଆଯିବ ବୋଲି କୁହାଯାଇଛି।

# ରଥଯାତ୍ରାରେ ଆମିଷ ବିକ୍ରି ବନ୍ଦ ନେଇ ଦାବିପତ୍ର

ପାରଳାଖେମୁଣ୍ଡି,୨୪।୬(ସମିସ): ରଥଯାତ୍ରା ସମୟରେ ପାରଳାଖେମୁଣ୍ଡି ସହରର ରାଜଦାଣ୍ଡ ଓ ଗୁଣ୍ଡିଚାବାଡି ଅଞ୍ଚଳରେ ଆମିଷ ବିକ୍ରି ବନ୍ଦ କରାଯିବା ଦାବିରେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ମଙ୍ଗଳବାର ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ରଥଯାତ୍ରା ଅବସରରେ ରାଜଦାଣ୍ଡ ଓ ଶ୍ରୀଗୁଣ୍ଡିଚା ମନ୍ଦିର ଅଞ୍ଚଳରେ ଆମିଷ ବିକ୍ରୀ ତଥା ଫାଷ୍ଟଫୁଡ୍ ସେଣ୍ଟର ଗୁଡିକ ବନ୍ଦ ରଖାଯିବାକୁ ପଦକ୍ଷେପ ନେବା ନିମନ୍ତେ ନିବେଦନ କରାଯାଇଛି। ସେହିପରି ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଏବଂ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଥିବାର ଜଣାପଡିଛି।

# ସ୍ୱମନ୍ଦିର ଫେରିଲେ ପଞ୍ଚ ଠାକୁରାଣୀ

ଜି.ଉଦୟଗିରି,୨୪।୬(ସମିସ): କନ୍ଧମାଳ ଜିଲ୍ଲା ଜି. ଉଦୟଗିରିରେ ୧୭ ଦିନଧରି ଚାଲିଥିବା ଠାକୁରାଣୀ ଯାତ୍ରା ସୋମବାର ଶେଷ ହୋଇଛି। ଆବାହନ କରାଯାଇଥିବା ମା ସେସିବାଲି, ମା ତାରାତାରିଣୀ, ମା କନ୍ଧୁଣୀଦେବୀ, ଗ୍ରାମଦେବତା ରୀତିନୀତିରେ ପୂଜାଅର୍ଚ୍ଚନା କରାଯିବା ପରେ ସ୍ୱସ୍ଥାନ ଫେରିଛନ୍ତି। ରାତିରେ ବିରାଟ ପଟୁଆରରେ ସହର ପରିକ୍ରମା କରି ମା



ବରାଳିନୀ ଅସ୍ଥାୟୀ ମଣ୍ଡପରୁ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ଭଙ୍ଗା ପୋଲରେ ଅଟକିଛି ବିକାଶ; ସମସ୍ୟାରେ ୪ ଗ୍ରାମବାସୀ



ମୋହନା,୨୪।୬(ସମିସ): ଆଦିବାସୀ ବହୁଳ ଗଜପତି ଜିଲ୍ଲାର ସର୍ବବୃହତ୍ତମ ବ୍ଲକ୍ ହେଉଛି ମୋହନା। କିନ୍ତୁ ବ୍ଲକ୍ର ଏମିତି କିଛି ଗ୍ରାମ ରହିଛି ଯେଉଁଠିକୁ ବିକାଶ ଏବେ ମଧ୍ୟ ଅପହଞ୍ଚ ହୋଇ ରହିଛି। ବ୍ଲକର ଚାନ୍ଦିପୁଟ ପଞ୍ଚାୟତ ଅଧୀନସ୍ଥ ବାଙ୍କିଝୁଲା, ଚରିଆପଦା, ଜକରାପଲ୍ଲି ଏବଂ ବଡ଼ସିନ୍ଧବା ପଞ୍ଚାୟତ ଅନ୍ତର୍ଗତ ପେଜପାଣି ଏହି ଚାରୋଟି ଗ୍ରାମକୁକୁ ଯିବାକୁ ହେଲେ ଦୀର୍ଘ ଦୁଇ କିଲୋମିଟର ଆବଡ଼ା ଖାବଡ଼ା ମାଟି ରାସ୍ତା ରହିଛି। ଆଉ ସେହି ମାଟି ରାସ୍ତାରେ ପଡୁଛି ଏକ ଛୋଟିଆ ନଦୀ। ବହୁ ବର୍ଷ ପୂର୍ବେ ନଦୀ ଉପରେ ଏକ ପୋଲ ନିର୍ମାଣ କରାଯାଇଥିଲା। କିନ୍ତୁ ତିତିଲି ବାତ୍ୟା ସମୟରେ ପୋଲର ଛାତ ବନ୍ୟା ଜଳରେ ଭାସିଯାଇଛି। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତଠାରୁ ଆରମ୍ଭ କରି ଦୈନନ୍ଦିନ ହାଟ ବଜାର ସବୁ କାମରେ ଯିବାକୁ ହେଲେ ଏହି ନଦୀ ଡେଇଁ ଯିବାକୁ ପଡୁଛି। ସାମାନ୍ୟ ବର୍ଷା ହେଲେ ପାହାଡ଼ରୁ ପାଣି ଆସି ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ସମ୍ପୃକ୍ତ ଗ୍ରାମ ଗୁଡ଼ିକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଉଛି। ପଞ୍ଚାୟତକୁ ରାସନ ଅବା ବାର୍ଦ୍ଧକ୍ୟ ଭତ୍ତା ଏପରିକି କୁନି କୁନି ପିଲାମାନେ ସ୍କୁଲ ଯିବା ପାଇଁ ମଧ୍ୟ ନଦୀ ଡେଇଁ ଯିବାକୁ ପଡୁଛି। ସରକାର ଏବଂ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ନପାଇ ଲୋକେ ଦୈନନ୍ଦିନ ଗମନା ଗମନପାଇଁ ନାଳ ଉପରେ ଚାରିଖଣ୍ଡ କାଠ ପକାଇ ଯିବା ଆସିବା କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ଏହି ଚାରି ଖଣ୍ଡ କାଠ ମଧ୍ୟ ଭାସି ଯାଇଥାଏ। ପୋଲ ନଥିବା ଯୋଗୁଁ ଆବାସ ଯୋଜନା ଘର ନିର୍ମାଣ ପାଇଁ ସିମେଣ୍ଟ, ଲୁହାଛଡ଼, ଚାଷ ପାଇଁ ବିହନ, ସାର ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଗାଁକୁ ପହଞ୍ଚିବା କଷ୍ଟକର ହୋଇପଡ଼େ। ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚି ନ ପାରିବା ଯୋଗୁଁ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହେଉଛି। ଏଭଳି ସମସ୍ୟାରେ ଜର୍ଜରିତ ଚାରିଖଣ୍ଡ ଗ୍ରାମ ଉପରେ ଯଥାଶୀଘ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ଆଗାମୀ ଦିନରେ ସରକାର ତଥା ପ୍ରଶାସନ ଯଦି ଏହି ସମସ୍ୟା ପ୍ରତି ଦୃଷ୍ଟି ନ ଦିଅନ୍ତି ତାହେଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି ଉପରୋକ୍ତ ଚାରିଖଣ୍ଡ ଗ୍ରାମବାସୀ।



# ମରଣ ମୁହଁରୁ ବଞ୍ଚିଲେ ବାଇକ୍ ଚାଳକ



ଫିରିଙ୍ଗିଆ,୨୪।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତର ସ୍ୱାତୀ ସମ୍ବଳ କେନ୍ଦ୍ର ସମୁଖରେ ବାଇକ ବୋଲେରୋ ପିକପ ଡ଼ାଲା ଗାଡି ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ ଡାଲା ଗାଡିର ଆଗପଟେ ମାଡ ହୋଇ ଗାଡି ଚକା ତଳେ ପଡିଯାଇଥିଲା। ହେଲେ ବାଇକ ଚାଳକ ଛିଟିକି ପଡିବାରୁ ଆହତ ହୋଇଥିବା ବେଳେ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ମଙ୍ଗଳବାର ଅପରାହ୍ଣରେ ଜିନିଷ ବୋଝେଇ ଏକ ବୋଲେରୋ ଡାଲା ଗାଡି ନୟାଗଡ଼ ପଟୁ ବାଲିଗୁଡ଼ା ଆଡ଼କୁ ଯାଉଥିବାବେଳେ ବିପରୀତ ସାରଙ୍ଗଡ଼ ପଟୁ ଆସୁଥିବା ଏକ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଜୋରରେ ଧକ୍କା ହେବା ଫଳରେ ବାଇକ ଉପରକୁ ଉଠି ଗାଡ଼ି ଚକା ତଳେ ପଶି ଚୁରମାର ହୋଇଯାଇଥିଲା। ବାଇକ୍ ଚାଳକ ଗାଡ଼ି ମାଡ଼ ପରେ ବାହାରକୁ ଛିଟିକି ପଡ଼ିବାରୁ ଅଳ୍ପକେ ଜୀବନ ବଞ୍ଚି ଯାଇଥିଲେ। ବାଇକ୍ ଚାଳକ ଡିଣ୍ଡିରା ଗାଁ ପଞ୍ଚାୟତର ଗଞ୍ଜୁଖୋଲ ଗାଁର। ଘଟଣାସ୍ଥଳରେ ସ୍ଥାନୀୟ ଜନସାଧାରଣ ଗହଳି ରହିଥିବାବେଳେ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ। ହେଲେ ବାଇକ ଚାଳକ ଡାକ୍ତରଖାନାକୁ ନ ଯାଇ ଘରକୁ ଚାଲିଯାଇଥିଲେ।

### ଧରାକୋଟ ଅଞ୍ଚଳରେ କଙ୍ଗାରୁକୋର୍ଟ ଘଟଣା

# ଜିଲ୍ଲାପାଳ, ଏସ୍‌ପିଙ୍କୁ ଭେଟିଲା ଦଳିତ ମହାସଭା




ଛତ୍ରପୁର, ୨୪।୬(ସମିସ)

ଧରାକୋଟ ଅଞ୍ଚଳରେ ୨ ଜଣ ଦଳିତ ବ୍ୟକ୍ତିଙ୍କୁ କଙ୍ଗାରୁକୋର୍ଟ ଆଳରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଦଳିତ ମହାସଭା ଗଞ୍ଜାମ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅଭିଯୋଗ ପ୍ରକୋଷ୍ଠରେ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିବାବେଳେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି।

ସୂଚନାଯୋଗ୍ୟ ୨୨ ତାରିଖରେ ଧରାକୋଟ ବ୍ଲକର ଖାରିଗୁମ୍ମା ଓ ପରେ ଜାହାଡ଼ାଠାରେ ଗୋରକ୍ଷକ ନାଁରେ ଦଳିତ ସମ୍ପ୍ରଦାୟର ଦୁଇ ଜଣ ଗରିବ ଲୋକ ବାବୁଲା ନାୟକ ଓ ବୁଲୁ ନାୟକଙ୍କୁ ମାଡ଼ ମାରିବା ସହିତ ୩୦ ହଜାର ଟଙ୍କା ଦାବି କରିଥିଲେ। ଯେତେବେଳେ ସେମାନେ ଏତେ ଟଙ୍କା ଦେବାକୁ ନିଜର ଅକ୍ଷମତା ପ୍ରକାଶ କଲେ ସେତେବେଳେ ସେମାନଙ୍କୁ ଗୋଚାଲାଣ କରୁଛ ବୋଲି କହି ସେମାନଙ୍କ ମୁଣ୍ଡକୁ ଅଧାଲଣ୍ଡା କରିବା ସହିତ ପାଟିରେ ଘାସ ଧରି ଗୁରୁଣ୍ଡି ଗୁରୁଣ୍ଡି ରାସ୍ତାରେ ଚାଲିବାକୁ ବାଧ କରିଥିଲେ। ସେମାନଙ୍କ ମାଡ଼ରେ ଲହୁଲୁହାଣ ହୋଇ ଯେତେବେଳେ ସେମାନେ ପିଇବାକୁ ପାଣି ମାଗିଥିଲେ ସେମାନଙ୍କୁ ପାଖ ନର୍ଦ୍ଦମାରୁ ମଇଳା ପାଣି ଆଣି ପିଇବାକୁ ବାଧ କରାଯାଇଥିଲା। ସେମାନଙ୍କ ପାଖରେ ଥିବା ଟଙ୍କା, ଗାଈ ଛଡ଼ାଇ ନେଇଗଲେ। ରାଜ୍ୟରେ ଦଳିତ ଲୋକଙ୍କ ବିରୋଧରେ ଏଭଳି ଅମାନୁଷିକ ଆକ୍ରମଣ ଓ ନିର୍ଯାତନା ବିରଳ। ତେଣୁ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଗିରଫ କରି ସେମାନଙ୍କୁ କଠୋର ଦଣ୍ଡ ଦେବାର ବ୍ୟବସ୍ଥା କରାଯାଉ। ପୀଡ଼ିତ ଦୁଇ ଦଳିତ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ମଧ ଦଳିତ ମହାସଭା ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଗଞ୍ଜାମ ଜିଲ୍ଲା ଦଳିତ ମହାସଭାର ଜିଲ୍ଲା ସମ୍ପାଦକ ସଂଗ୍ରାମ ନାୟକ, ରାଜେଶ ସେନାପତି, ଶିବା ନାୟକ, ସନ୍ତୋଷ ନାୟକଙ୍କ ସମେତ ବହୁ ଦଳିତ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଅନ୍ୟପଟେ ଉକ୍ତ ଘଟଣାରେ ଧରାକୋଟ ଥାନାରେ ଏକ ମାମଲା ରୁଜୁ କରି ୯ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି। ଏହା ସହିତ ଘଟଣାର ଅଧିକ ତଦନ୍ତ ନିମନ୍ତେ ଜଣେ ବରିଷ୍ଠ ଡିଏସ୍‌ପିଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମଧ ସେ କହିଛନ୍ତି।

**● ୯ ଗିରଫ**

## ଏସ୍‌ପିଙ୍କୁ ଭେଟିଲେ ସିପିଆଇ ପ୍ରତିନିଧି ଦଳ



ଧରାକୋଟ ଅଞ୍ଚଳରେ କଙ୍ଗାରୁକୋର୍ଟ ଘଟଣାରେ ନିର୍ଯାତନାର ଶିକାର ହୋଇଥିବା ଦଳିତଙ୍କୁ ଭେଟି ସମବେଦନା ଜଣାଇବା ସହ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଛନ୍ତି ସିପିଆଇର ପ୍ରତିନିଧି ଦଳ। ଏଥିସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଥିଲେ। ବିଜେପି ସରକାର ଆସିବା ଦିନଠୁ ଜିଲ୍ଲାରେ ଆଇନଶୃଙ୍ଖଳା ବ୍ୟବସ୍ଥା ଠପ ହୋଇଯାଇଛି। ଏଣୁ ଆଗାମୀ ଦିନରେ ସିପିଆଇ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ସୂଚନା ଦେଇଛନ୍ତି। ପରେ ଏକ ପ୍ରତିନିଧି ଦଳ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରି ଅଭିଯୁକ୍ତ ମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ସିପିଆଇ ଜିଲ୍ଲା ସହ -ସମ୍ପାଦକ ନୀଳକଣ୍ଠ ଦାଶ ଓ ପ୍ରଦୀପ କୁମାର ସେଠୀ, ପୂର୍ବତନ ଚମାଖଣ୍ଡି ଜୋନାଲ ସମ୍ପାଦକ ସିଏଚ. ଜନାର୍ଦ୍ଦନ ରେଡ୍ଡୀ ଉପସ୍ଥିତ ଥିଲେ।

## ଅନ୍ତିମ ପର୍ଯ୍ୟାୟରେ ରଥ ନିର୍ମାଣ କାମ

ଶେରଗଡ଼, ୨୪।୬(ସମିସ): ପୁରୀର ରଥ ପରି ଅବିକଳ ଉଚ୍ଚତା ଓ ଓସାର ବିଶିଷ୍ଟ ରଥ ଶେରଗଡ଼ରେ ବିଜେ ତିନି ଠାକୁରଙ୍କ ଲାଗି ପ୍ରତି ବର୍ଷ ନିର୍ମାଣ କରାଯାଇଥାଏ। ଚଳିତବର୍ଷ ମଧ ଠାକୁରଙ୍କ ଯାତ୍ରା ଲାଗି ରଥ ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଦେବୋତ୍ତର ମୁଖ୍ୟ ରାଜା ପୂର୍ଣ୍ଣଚନ୍ଦ୍ର ସିଂ ଦେଓ ଓ ପ୍ରସନ୍ନ ସିଂ ଦେଓଙ୍କ ତତ୍ତ୍ୱାବଧାନରେ ଏବଂ ମୁଖ୍ୟ ମହାରଣା ରଘୁନାଥ ମହାରଣାଙ୍କ ପରିଚାଳନାରେ ରଥର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଗୁରୁବାର ତିନି ଠାକୁରଙ୍କ ନେତ୍ରୋତ୍ସବ ପାଳନ ପରେ ଭକ୍ତ ତିନି ଠାକୁରଙ୍କ ନବଯୌବନ ଦର୍ଶନ ପାଇବେ। ଏହା ପରେ ପରମ୍ପରା ଅନୁସାରେ ଶୁକ୍ରବାର ରାଜା ପୂର୍ଣ୍ଣଚନ୍ଦ୍ର ସିଂ ଦେଓ ଠାକୁର ମାନଙ୍କୁ ପହଣ୍ଡି କରାଇ ରଥାରୂଢ଼ କରି ଆଳତୀ ପ୍ରଦାନ କରିବା ପରେ ରଥଟଣା ଆରମ୍ଭ ହେବ। ରଥ ନିର୍ମାଣ କାର୍ଯ୍ୟ ରେ ଯାତ୍ରା କମିଟିର ସଦସ୍ୟ ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ, ବଳରାମ ପାଢ଼ୀ, ଅବସରପ୍ରାପ୍ତ ଶିକ୍ଷକ ସୁବାଷ ଚନ୍ଦ୍ର ପାତ୍ର, ସୁବାଷ ଚନ୍ଦ୍ର ସୁବୁଦ୍ଧି, ସୀତାରାମ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଦୁର୍ଗା ମାଧବ ବିଷୋୟୀ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ଦାସ, ମୁଖ୍ୟ ପୂଜକ ନରସିଂହ ପଣ୍ଡା, ସୂର୍ଯ୍ୟ ନାରାୟଣ ପଣ୍ଡା ସହାୟତା ପ୍ରଦାନ କରିଥିବା ବେଳେ ମହାରଣା, ଚିତ୍ରକର ଓ କାରୁକାର୍ଯ୍ୟ ଶିଳ୍ପୀ ମାନେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

■ ଜୁଆ ଆଡ୍ଡାରେ ଚଢ଼ଉ

## ୩ ଗିରଫ, ବାଇକ୍ ଓ ଟଙ୍କା ଜବତ

ଜଗନ୍ନାଥପ୍ରସାଦ, ୨୪।୬(ସମିସ): ଏହି ଅଞ୍ଚଳର ଝାଡ଼ଭୂମି, ପଟାଧାର, ତରଫ, ବରକୋଳିଆ, ଗୋଛାବାଡ଼ି, କୁମୁଣ୍ଡା ଜଙ୍ଗଲ ତଳି ଅଞ୍ଚଳଭଳି ଅନେକ ସ୍ଥାନରେ ବହୁଦିନଧରି ଜୁଆଖେଳ ଚାଲୁଥିଲା। କିଛି ରାଜନୈତିକ ପ୍ରଭାବଶାଳି ବ୍ୟକ୍ତିଙ୍କ ସହଯୋଗରେ ଏହି ଆଡ୍ଡା ଚାଲୁଥିବା କାରଣରୁ ସ୍ଥାନୀୟ ଲୋକେ ଭୟକରି ପାଟିଫିଟାଉ ନଥିଲେ। ପୁଲିସ ମଧ ଜାଣି ଅଜଣା ରହୁଥିଲା। ତେବେ ଗତକାଲି ପ୍ରାୟ ରାତ୍ରି ୧୧ଟା ବେଳେ ପୁଲିସ ଚଢ଼ଉ କରିଥିଲା। ସେଠାରେ ଉପସ୍ଥିତ ଥିବା କିଛି ଜୁଆଡ଼ି ଖସିଯିବାରେ ସକ୍ଷମ ହୋଇଥିବା ବେଳେ ଝାଡ଼ଭୂମି ଗ୍ରାମର ଶୁକଦେବ ସ୍ୱାଇଁ, ପଟାଧାର ଗ୍ରାମର ବିପ୍ରଚରଣ ବେହେରା ଓ ପୁରୁଣାଗୋଛାବାଡି ଗ୍ରାମର ଦୀପକ କୁମାର ନାୟକଙ୍କୁ ପୁଲିସ ଗୋଡ଼ାଇ ଧରିଥିବା ବେଳେ ସେଠାରୁ ତିନିଟି ବାଇକ ଜବତ କରିଥିବା ସହିତ ଘଟଣାସ୍ଥଳରୁ, ୯, ୫୦୦ଟଙ୍କା ମଧ ଜବତ କରିଛି। ସେମାନଙ୍କ ନାମରେ ୨୯୦/୨୫ରେ ମାମଲା ରୁଜୁ କରାଯାଇଛି। ତେବେ ଏହି ଅଞ୍ଚଳରେ ପୂର୍ବରୁ ଅନେକ ଦିନ ଧରି ଏଭଳି ଜୁଆଖେଳ ଚାଲୁଥିବା ବେଳେ କିଛି ଅଦୃଶ୍ୟ ଚାପରେ ଚାପିହୋଇ ପୁଲିସ ଏହାଉପରେ ନଜର ଦେଉନଥିଲା। ଏବେ ଏହି ଥାନାରେ ନୂତନ ଭାବେ ଯୋଗଦେଇଥିବା ଯୁବ ସବଇନ୍ସପେକ୍ଟରଙ୍କ ଜ୍ୟୋତି ରଞ୍ଜନ ସାହୁଙ୍କ ନେତୃତ୍ୱରେ ପୁଲିସ ଏହି ସଫଳତା ପାଇଛି।

## ମେଗା ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ମେଳା



ଧରାକୋଟ, ୨୪।୬(ସମିସ): ଧରାକୋଟ ବ୍ଲକ ଅନ୍ତର୍ଗତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଜାହାଡା ଶାଖା ତରଫରୁ ମେଗା ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୨୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ କୋଟି ଏକଚାଳିଶ ଲକ୍ଷ ଟଙ୍କା ଋଣ ପ୍ରଦାନ ବ୍ୟାଙ୍କ ପକ୍ଷରୁ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ତିନିଜଣ ହିତାଧୀକାରୀ ବାଡୁଲା ଗ୍ରାମର ସୁନିଲ କୁମାର ସ୍ୱାଇଁ, ଝରପାରିର ସୁଦେଷ୍ଣା ଭୂୟାଁ, ଲଟାପଲିର ଦିଲୀପ ନାୟକଙ୍କୁ ଦୁଇ ଲକ୍ଷ ଟଙ୍କା ଲେଖାଏଁ ବୀମା ରାଶିର ଚେକ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଆଇଓବି ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ବ୍ରହ୍ମପୁର ଖୁର୍ଶିଦ ରୱାନୀ, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ବ୍ଲକ ମିଶନ ଶକ୍ତିର ଅଧିକାରୀ ଶୁଶାନ୍ତ ନାୟକ, ପ୍ରତାପ ସ୍ୱାଇଁ, ଆଇଓବି ଜାହାଡା ଶାଖା ପ୍ରବନ୍ଧକ ରାଜ ପ୍ରତୀକ ଦାସ, ଉପ ପ୍ରବନ୍ଧକ ରତିକାନ୍ତ ପାହାଡ ସିଂ, କେଶିଆର ଗୋପାଳ ଚନ୍ଦ୍ର ବ୍ରହ୍ମା, ପି ବିଶ୍ୱନାଥ ଆଚାରି ଓ ବ୍ୟାଙ୍କ ମିତ୍ର ବିଷ୍ଣୁପ୍ରିୟା ଦଳାଇଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟା ଉପସ୍ଥିତ ରହିଥିଲେ।

## ବିଜୁ ଯୁବ ଛାତ୍ରଙ୍କ ପ୍ରସ୍ତୁତି ବୈଠକ




ଆସିକା, ୨୪।୬(ସମିସ): ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କର୍ମେ ଏବଂ ରାଜ୍ୟ ବିଜୁ ଯୁବ ଛାତ୍ର ଜନତା ଦଳର ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବିଜେଡି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗ ଦେଇଥିଲେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ରାଜ୍ୟ ଯୁବ ଛାତ୍ର ସାଧାରଣ ସମ୍ପାଦକ ତଥା ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ଜୟସେନ ସ୍ୱାଇଁ, ଜିତେନ୍ଦ୍ର ମହାରଣା, ନୀଳାଞ୍ଚଳ ମଣ୍ଡଳ, ପ୍ରତାପ ପ୍ରଧାନ, ସାଇରାଜ ଦଳାଇ, ନିଗମ ରାଉତଙ୍କ ସମେତ ବହୁ ବିଜେଡି ଯୁବ ଛାତ୍ର ଉପସ୍ଥିତ ଥିଲେ। ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ଦିନ ଆସିକା ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଛାତ୍ରୀ ଦୁଷ୍କର୍ମ ନିମନ୍ତେ ରାଜ୍ୟବ୍ୟାପି ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକରେରାଜ୍ୟସରକାରଙ୍କବିରୋଧରେବିକ୍ଷୋଭପ୍ରଦର୍ଶନକରାଯିବାସହକୁଶ ପୁତ୍ତଳିକା ଦାହ ଏବଂ କଳା ବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରାଯିବା ନେଇ ନିଷ୍ପତ୍ତି ହୋଇଛି।

## କାଠ ବୋଝେଇ ଗାଡ଼ି ଜବତ

ଦିଗପହଣ୍ଡି, ୨୪।୬(ସମିସ): ଦିଗପହଣ୍ଡି ବନବିଭାଗ କର୍ମଚାରୀ ଜଙ୍କର ପଞ୍ଚାୟତ ତେଣ୍ଟୁଆପଡ଼ା ଚୈତନ୍ୟ ପ୍ରସାଦ ଗ୍ରାମ ରାସ୍ତାରେ ଏକ କାଠ ବୋଝେଇ ଟାଟା ଏସିଇ ଡାଲା ଅଟୋକୁ ମଙ୍ଗଳବାର ସନ୍ଧ୍ୟାରେ ଜବତ କରିଛନ୍ତି। ବ୍ରହ୍ମପୁର ବନଖଣ୍ଡ ଦିଗପହଣ୍ଡି ବନାଞ୍ଚଳ ଅଧିନସ୍ଥ ନୂଆପଡ଼ା ସେକ୍ସନ ଅଧିନ ଏହି ଗ୍ରାମ ରାସ୍ତାରେ ବେଆଇନ ଭାବେ କାଠ ପଟା ଚୋରାଚାଲାଣ କରାଯାଉଥିବା ବନବିଭାଗକୁ ଖବର ମିଳିଥିଲା। ବନବିଭାଗ ନୂଆପଡ଼ା ସେକ୍ସନ ଫରେଷ୍ଟର ଇ.ଗଣେଶଙ୍କ ନେତତ୍ୱରେ କର୍ମଚାରୀ ମାନେ ଗାଡ଼ିର ପିଛା କରିଥିଲେ। ଏହି ସମୟରେ ଗାଡ଼ି ଚାଳକ ଜଣକ ଗାଡ଼ିଟିକୁ ରାସ୍ତାରେ ଛାଡ଼ିଦେଇ ସେଠାରୁ କୌଶଳ କ୍ରମେ ଚମ୍ପଟ ମାରିଥିଲେ। ଖବରପାଇ ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି କାଠ ବୋଝେଇ ଗାଡ଼ି ଜବତ କରିବା ସହ ଦିଗପହଣ୍ଡି କାର୍ଯ୍ୟାଳୟକୁ ଆଣିଥିଲେ। ଖବର ଲେଖା ହେବା ସୁଦ୍ଧା ବନବିଭାଗ ପକ୍ଷରୁ କେତେ ପରିମାଣର କାଠ ଜବତ ହୋଇଛି। ତାହାର ମୂଲ୍ୟ କେତେ ହୋଇପାରେ ସେନେଇ କୌଣସି ସୂଚନା ମିଳିପାରିନଥିବା ବେଳେ କାଠ ବୋଝେଇ ଗାଡ଼ିଟି ଆନ୍ଧ୍ରପ୍ରଦେଶର ଇଚ୍ଛାପୁରରୁ ତେଣ୍ଟୁଆପଡ଼ା ଚୈତନ୍ୟ ପ୍ରସାଦ ଗ୍ରାମକୁ ଆସୁଥିବା ଜଣାପଡ଼ିଛି।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ: ସ୍ୱାମୀ, ଦୁଇ ଝିଅ ଆହତ

ଗଞ୍ଜାମ, ୨୪।୬(ସମିସ): ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ୧୧ ନମ୍ବର ୱାର୍ଡରେ ବିଦ୍ୟୁତ ଆଘାତରେ ଜନୈକ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଓ ଦୁଇ ଝିଅ ଆହତ ହୋଇଛନ୍ତି। ମୃତକ ହେଲେ ଆର. ନାରାୟଣ ରେଡିଙ୍କ ପତ୍ନୀ ଆର. ଦମୟନ୍ତୀ ରେଡି (୫୦) ଆହତ ମାନେ ହେଲେ ସ୍ୱାମୀ ନାରାୟଣ ରେଡି( ୬୨), ଦୁଇ ଝିଅ ବାସନ୍ତି ରେଡି ଓ ଶକ୍ତମୟୀ ରେଡି (୨୪)। ଖବର ନେବାରେ ଜଣାପଡ଼ିଛି। ଅପରାହ୍ନ ୪ଟାରେ ଘର ସମ୍ମୁଖରେ ରହିଥିବା ଏକ ସଜନା ଗଛର ଡାଳ ହାଣୁଥିବା ବେଳେ ଉପରେ ଯାଇଥିବା ବିଦ୍ୟୁତ ତାରଟି ଛିଡି ପଡ଼ିଥିଲା। ଫଳରେ ଗଛ ଡ଼ାଳ ସହ ବିଦ୍ୟୁତ ତାର ମହିଳାଙ୍କ ବେକରେ ପଡ଼ିଯାଇଥିଲା। ଏପରିକି ପରିବାରର ଅନ୍ୟ ସଦସ୍ୟ ମାନେ ଉକ୍ତ ସଜନା ଡାଳରେ ଲାଗିଯାଇଥିଲେ। ଏହା ଦେଖି ସ୍ଥାନୀୟ ଯୁବକମାନେ ଉପସ୍ଥିତ ବୁଦ୍ଧି ଖଟାଇ ବାଉଁଶ ସାହାଯ୍ୟରେ ସେମାନଙ୍କୁ ଗଛ ଡାଳ ଓ ବିଦ୍ୟୁତ ତାରରୁ ଅଲଗା କରିଥିଲେ। ସେମାନଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରୁ ଦମୟନ୍ତୀ ଓ ବଡ଼ ଝିଅ ବାସନ୍ତୀଙ୍କୁ ଛତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନନ୍ତରିତ କରାଯାଇଥିଲା। ଡାକ୍ତର ସେଠାରେ ଦମୟନ୍ତୀଙ୍କୁ ମୃତ ଘୋଷଣା କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି ମୃତକ ପରିବାରକୁ ଆଶ୍ୱାସନା ଦେଇଥିଲେ। ପୁରୁଣା ବିଦ୍ୟୁତ ତାର ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା ନଥିରୁ ଅଞ୍ଚଳବାସୀଙ୍କ ମଧରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଗଞ୍ଜାମ ଥାନା ଏସ୍‌ଆଇ ଛତ୍ରପୁର ମେଡିକାଲରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

## ରଜ କୁଇନ୍ ମୁକୁଟ ପିନ୍ଧିଲେ ଶିବାନୀ




ଭଞ୍ଜନଗର, ୨୪।୬(ସମିସ): ଭଞ୍ଜନଗର ଜେଲ ପଡ଼ିଆରେ ଗତ ୧୨ତାରିଖରୁ ଚାଲିଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଥର ପାଇଁ ରଜ କୁଇନ -୨୦୨୫ର ଆୟୋଜନ କରାଯାଇଥିଲା। ଶେଷ ଦିବସରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ସମ୍ମାନିତ ଅତିଥି ରୂପେ ଭଞ୍ଜନଗର ମେଡ଼ିକାଲ ଅଧିକାରୀ ଡା. ସୀତାଂଶୁ ଶେଖର ଶତପଥୀ, ଦକ୍ଷିଣ ଘୁମୁସର ବନଖଣ୍ଡ ଏସିଏଫ୍ ରଶ୍ମୀରଞ୍ଜନ ସ୍ୱାଇଁ, ଭଞ୍ଜନଗର ଜେଲ ସୁପରିଟେଣ୍ଡେଣ୍ଟ ମାନସ ରଞ୍ଜନ ସାମନ୍ତ ଓ ସମାଜସେବୀ ଶୂଳପାଣି ଶତପଥୀ ମଞ୍ଚାସୀନ ଥିଲେ। ଏଭଳି ଏକ ନିଆରା କାର୍ଯ୍ୟକ୍ରମକୁ ଦେଖି ଅତିଥିମାନେ ଆୟୋଜକ ମାନଙ୍କୁ ବେଶ ପ୍ରଶଂସା କରିଥିଲେ ଏବଂ ପ୍ରତିବର୍ଷ ଏଭଳି ରଜ ଉତ୍ସବ ପାଳନ କରି ନୂତନ ପ୍ରତିଭାଙ୍କୁ ସୁଯୋଗ ଦେବା ପାଇଁ ପରାମର୍ଶ ଦେଇଥିଲେ। ନିଜର ସୁନ୍ଦର ନୃତ୍ୟ, ଅଭିନୟ ଓ ବିଚାରକଙ୍କ ପ୍ରଶ୍ନର ସଠିକ ଉତ୍ତର ଦେଇ ଭଞ୍ଜନଗର ଲଣ୍ଡେଇ ସାହି ରାମକୃଷ୍ଣ ନଗରର ରାମ ଚନ୍ଦ୍ର ସାହୁଙ୍କ କନ୍ୟା ଶିବାନୀ ସାହୁ ଚଳିତବର୍ଷ ରଜ କୁଇନ୍ -୨୦୨୫ର ମୁକୁଟ ପିନ୍ଧିଥିଲେ। ଏଥିସହ ଅତିଥିମାନେ ତାଙ୍କୁ ଉପଢୌକନ, ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଏଥିସହ ନୃତ୍ୟ, ସଙ୍ଗୀତ, ମେହେନ୍ଦୀ ଓ ଚିତ୍ରାଙ୍କନରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ ପୁରସ୍କୃତ କରାଯାଇଛି। ଶେଷରେ ୟୁନିକ ଡ୍ୟାନ୍ସ ଏକାଡେମୀ, ପ୍ରଜ୍ଞା ନୃତ୍ୟାନୁଷ୍ଠାନ, ସ୍ୱସ୍ତି ସିଦ୍ଧି ସଙ୍ଗୀତ ମଣ୍ଡଳୀ ଓ ଅନ୍ୟ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ପରିଚାଳକ ପ୍ରଦେଶ କୁମାର ସ୍ୱାଇଁ, ସଭାପତି ମିଥୁନ ବିଷୋୟୀ, ବବି ରଥ ଓ ଅନୁଭବ ମହାନ୍ତି ସହଯୋଗ କରିଥିଲେ।

## ଟ୍ରକ୍ ଚକ ତଳେ ଚାପି ହୋଇ ମହିଳାଙ୍କ ମୃତ୍ୟୁ

ରଙ୍ଗେଇଲୁଣ୍ଡା, ୨୪।୬(ସମିସ): ଗୋଳନ୍ଥରା ଥାନା ଅଞ୍ଚଳ ଏକ ଗ୍ରାମ ନିକଟରେ ସୋମବାର ରାତିରେ ଟ୍ରକ୍‌ରୁ ଓହ୍ଲାଇ ଜଣେ ମହିଳା ପରିସ୍ରା କରୁଥିବା ବେଳେ ଟ୍ରକ୍ ଗଡ଼ିଯିବାରୁ ଚକ ତଳେ ଚାପି ତାଙ୍କର ହୋଇ ମୃତ୍ୟୁ ଘଟିଛି। ମୃତକ ହେଲେ କୋଇଲିକୋଟା ଗ୍ରାମର ଗୁରୁବାରୀ ମଲ୍ଲିକ। ଗୁରୁବାରୀ ଓ ତାଙ୍କ ସ୍ୱାମୀ ପ୍ରକାଶ ମଲ୍ଲିକ ଏକ ଟ୍ରକ୍ ଯୋଗେ ଛତ୍ରପୁରରୁ ଆସି ଗାଁ ଛକରେ ଟ୍ରକ୍‌ରୁ ଓହ୍ଲାଇଥିଲେ। ଗୁରୁବାରୀ ଟ୍ରକ୍ ପଛ ପଟେ ପରିସ୍ରା କରୁଥିବାବେଳେ ହଠାତ୍ ଟ୍ରକ୍‌ଟି ପଛକୁ ଗଡ଼ିଯାଇଥିଲା। ଫଳରେ ଗୁରୁବାରୀ ଟ୍ରକ୍ ଚକ ତଳେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୋଳନ୍ଥରା ଥାନାରେ କେସ ନଂ୨୬୮/୨୫ରେ ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ତଦନ୍ତ ଅଧିକାରୀ ଗୁଣନିଧି ରାଉତ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

କୋଦଳା, ୨୪।୬(ସମିସ): ଆସିକା-ଭୁବନେଶ୍ୱର ମୁଖ୍ୟ ରାସ୍ତାର ହାତତୋଟା ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଆରୋହୀ ଗୁରୁତର ଆହତ ହେବା ସହିତ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ପ୍ରକାରେ ମଙ୍ଗଳବାର ମଧାହ୍ନରେ ଭାଟକୁମୁରଡ଼ା ଗ୍ରାମର ସନ୍ୟାସୀ ଭୂୟାଁ ମୋଟର ଗୁଡ଼ିଆଳି ଗ୍ରାମରୁ ଭୋଜିଖାଇ ସାଇକଲରେ ଫେରୁଥିବାବେଳେ ତାରାତାରିଣୀ ରାସ୍ତା ଦେଇ ବିପରୀତ ପଟୁ ପୁସ୍ତପୁର ଗ୍ରାମର ଶତ୍ରୁଜିତ ଘୋଷ ନିଜ ଗ୍ରାମକୁ ବାଇକ୍ ଯୋଗେ ଫେରୁଥିଲେ। ଭାରସାମ୍ୟ ହରାଇ ଦୁଇ ମୋଟର ସାଇକଲ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ସମୟରେ ପୁରୁଷୋତ୍ତମପୁର ଏସଡିପିଓ ଦୀପକ ମିଶ୍ର ଏହି ରାସ୍ତାଦେଇ ଯିବାବେଳେ ଘଟଣାସ୍ଥଳରେ ଅଟକି ଆହତଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। କିନ୍ତୁ ଉଭୟ ଗୁରୁତର ଆହତ ହୋଇଥିବାରୁ ନିଜର ପରିବାର ସହାୟତାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଆର୍ଯ୍ୟପଲ୍ଲୀରେ ସମୁଦ୍ର କୂଳ ଲଂଘିବା ଘଟଣା

# ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ମତ୍ସ୍ୟଜୀବୀ

ଛତ୍ରପୁର, ୨୪।୬(ସମିସ)



ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ଓ ଜିଲ୍ଲା ପ୍ରଶାସନର ନିରବତା ପ୍ରତିବାଦରେ ୫ ଦଫା ଦାବି ନେଇ ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀ ମଙ୍ଗଳବାର ଗୋପାଳପୁର ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଏଥିରେ ସାମୁଦ୍ରିକ ୨୭ ଖଣ୍ଡ ଗାଁର ବହୁ ଭଦ୍ର ବ୍ୟକ୍ତି ଏବଂ ଗ୍ରାମ୍ୟ କମିଟି, ହଜାର ହଜାର ମତ୍ସ୍ୟଜୀବୀ ଏକତ୍ରିତ ହୋଇ ନିଜ ହକ ନିମନ୍ତେ ବନ୍ଦର କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ବିରୋଧରେ ରଣ ହୁଙ୍କାର ଦେଇଥିଲେ। ସେମାନଙ୍କ ଦାବି ଗୁଡିକ ପୂରଣ ହେଲେ ହିଁ ଆନ୍ଦୋଳନରୁ ଉଠିବେ ବୋଲି ବିଭିନ୍ନ ନାରାବାଜି ଦେଇଥିଲେ। ଆନ୍ଦୋଳନର କିଛି ଘଣ୍ଟା ପରେ ପୋର୍ଟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ବୁଝା ସୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ପରେ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନକାରୀ, ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ, ପୁଲିସ ପ୍ରଶାସନର ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ରହି ସମୁଦ୍ର କୂଳ ଲଙ୍ଘିବା ଠାରୁ ଆରମ୍ଭ କରି ଜେଟି ଖନନ ପର୍ଯ୍ୟନ୍ତ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ଏହି ଆଲୋଚନା ହୋଇଥିଲା। ଶେଷରେ ବନ୍ଦର କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ଦାବି ଗୁଡିକ ପୂରଣ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଆନ୍ଦୋଳନସ୍ଥଳକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଛତ୍ରପୁର ତହସିଲଦାର ସମ୍ବିତ ସଂଗ୍ରାମଜିତ ସାହୁ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ, ବନ୍ଦର ସିଇଓ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷ ପହଁଚି ସେମାନଙ୍କ ଦାବି ଗୁଡିକ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ମାଇକ ଯୋଗେ କହିଥିଲେ ପଥର ବନ୍ଧ କାର୍ଯ୍ୟ ଦ୍ରୁତ ଗତି ଚାଲିବ, ଜେଟି ଖନନ ଅଗଷ୍ଟ ୩୦ ପରେ ଆରମ୍ଭ ହେବ, ପାନୀୟ ଜଳ ଓ ଆଲୋକିକରଣ ଠାରୁ ଆରମ୍ଭ କରି ମୌଳିକ ସୁବିଧା ଗୁଡିକ ପୋର୍ଟ କର୍ତ୍ତୃପକ୍ଷଖୁବ ଶୀଘ୍ର ବ୍ୟବସ୍ଥା କରିବ ବୋଲି କୁହାଯାଇଥିଲା। ସରପଞ୍ଚ ତ୍ରିଲୋଚନ ବେହେରାଙ୍କ ସହ ଦୁଇଟି ଗ୍ରାମର ଭଦ୍ର ବ୍ୟକ୍ତି ଏବଂ ଗ୍ରାମ୍ୟ କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନ, ବିଧାୟକ, ପୁଲିସ, ଗଣମାଧ୍ୟମ ପ୍ରତିନିଧି, ବନ୍ଦର କର୍ତ୍ତୃପକ୍ଷ ଓ ୨୭ ଖଣ୍ଡ ଗାଁର ଭଦ୍ର ବ୍ୟକ୍ତି ଓ ଗ୍ରାମ୍ୟ କମିଟିକୁ ଧନ୍ୟବାଦ ଜଣାଇଥିଲେ। ଏହାପରେ ମତ୍ସ୍ୟଜୀବୀ ମାନେ ଗଣ ଧାରଣାରୁ ଉଠିଥିଲେ। ଏହି ଅବସରରେ ମତ୍ସ୍ୟଜୀବୀ ନେତା ଏନ. ଦିନ ବନ୍ଧୁ, କେ. ଦାଶରଧି, ପି. ରାମବାବୁ, ଏମ. ଦିଲ୍ଲୀପ, ବି. ଭୀମସେନ, ଏମ. ଗୁମାଲୀ, ଜି. ଜଗନ୍ନାଥ, ଆର. ଗୋବିନ୍ଦା, ଏ. ଭେଙ୍କଟ, ଜି. ପାପା ରାଓ, ଏସ. ଶ୍ୟାମାଙ୍କ ସମେତ ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ସମ୍ବିତ ସଂଗ୍ରାମ ଜିତ ସାହୁ ଓ ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ, ଛତ୍ରପୁର ଏସ ଡିପିଓ ଚନ୍ଦନ ଘଡ଼ାଇ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକ ଏବଂ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

